## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଅ । ତ । କବତା | କଟକ | ଟ ॥ |
| ବାବୁ ଶ୍ରୀ କୃପାସିନ୍ଧୁ ମହାନ୍ତି | ମଦନମୋହନ ହାଣି | ଟ ॥ |
| କବି ଦେବ ଦେଶୀନ ମହାନ୍ତି | କଟକ | ଟ ୧ |
| ବାବୁ ଶ୍ରୀ ଅର୍ଜ୍ଜୁନ ବେହେରା | ଜଗତସୁର | ଟ ॥ |
| „ ଯୋଗୀ ସାହୁ ଭଗତ | ଚଡ଼ାଇଗୁଆଁ | ଟ ॥ |
| „ ଠିକାଦାର ଦାସ | ପୋଃ ମାଟେଶ୍ୱର ପୁରୀ | ଟ ॥ |
| „ ନାରାୟଣ ଜେନା | ଗୁଆଳପଡ଼ା | ଟ ॥ |
| „ ଭିଲ୍ଲିଙ୍କ ସଦ୍ୱାଚାର ଶିକ୍ଷକ | ଭଲଇଜପୁର | ଟ ୧ |
| „ ତହସିଲ୍‌ଦାର ମଣ୍ଡଳ ଇନ୍ଦ୍ରପ୍ରସ୍ଥ ପଣ୍ଡିତ | ଖଣ୍ଡପଡ଼ା | ଟ ୨ |
| „ କବି ସେବକ ମହାନ୍ତି | ଧର୍ମଶାଳା କଟକ | ଟ ୨ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି କି ଚତୁର୍ଥ ଶ୍ରେଣୀର ଟିକସ କମିଶ୍ୟୁ ବର୍ତ୍ତିଯାଇ ଯେଉଁ ନୋଟିସ ଜାରି ହୋଇଅଛି ତହିଁର ଲିଖିତ ସମୟ ମଧ୍ୟରେ ଟିକସ ଦାତାମାନେ ଆପଣା ଆପଣା ଦେୟ ଟିକସ କଟକ ମିଉନିସିପାଲ ଅଫିସରେ ଜମା ଟିକସ ଦାରୋଗାଙ୍କ ନିକଟରେ ଦାଖଲ କରିବେ ନ କଲେ ସେମାନେ ଓ୍ୟାରଣ୍ଟ ଫିସ ଦେବାକୁ ବାଧ୍ୟ ହେବେ—

19-1-1904 } Ramsanker Roy
*Chairman*

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି କି ଆଗାମୀ ଜାନୁଆରୀମାସ ତା ୨୭ ରିଖ ବୁଧବାର ଦିବା ଘ ୨ ଘା ସମୟରେ କଟକ ମିଉନିସିପାଲ ଅଫିସରେ ନିମ୍ନଲିଖିତ ଘାଟ, ଟ୍ରେଫିକ ଗ୍ରାଉଣ୍ଡ, ଏବଂ ଡାକ୍ତରଖାନାସମାନ ସନ ୧୯୦୪ ମସିହା ଅପ୍ରେଲ ମାସ ତା ୧ ରିଖଠାରୁ ସନ ୧୯୦୫ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ଏକବର୍ଷ ନିମନ୍ତେ ନିଲାମ ହେବ ଯେଉଁ ଇଚ୍ଛୁକ ବ୍ୟକ୍ତିମାନେ ଉକ୍ତ ଦିବସ ଉକ୍ତ ସ୍ଥାନରେ ଓ ଉକ୍ତ ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ଡାକି ପାରିବେ ସର୍ବୋଚ୍ଚ ଡାକକାରୀର ଅବସ୍ଥା ଓ ଅବସ୍ଥା ପ୍ରତି ଦୃଷ୍ଟି କରାଯାଇ ତାହାଙ୍କର ଡାକ ଗ୍ରହଣ କରାଯିବ । ଯଦି କୌଣସି ବ୍ୟକ୍ତି ଉକ୍ତ ଘାଟ ଆଦି ଚଳାଇବାର ନିୟମାବଳୀ ଜାଣିବାକୁ ଇଚ୍ଛା କରନ୍ତି ସେମାନେ ମିଉନିସିପାଲ ଚେୟାରମେନଙ୍କ ଟିକସ ଦାରୋଗାଙ୍କ ଅଫିସରେ ଉପସ୍ଥିତ ହେଲେ ସମସ୍ତ ବିଷୟ ଜ୍ଞାତ ହୋଇ ପାରିବେ ।

୧ ତାଳଚେର ଘାଟ — ୨ ଗଞ୍ଜାମ ଘାଟ

୧ ଗୋଲବଜାର ଟ୍ରେଫିକ ଗ୍ରାଉଣ୍ଡ

୨ ଚୌଦ୍ୱାର ସାହି „

୩ ଉଦଗା „

୧ ଯଶୋବନ୍ତ ଘାଟ ପାଉଣ୍ଡ — ୪ ରାଣୀହାଟ ପାଉଣ୍ଡ

୨ ସଦର „ — ୫ ଦୋଲମୁଣ୍ଡାଇ „

୩ ଜଗତସିଂହ „ — ୬ ବୁଢ଼ାହାଟ „

19-1-1904 } Ramsanker Roy
*Chairman*

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ କି ଆମ୍ଭର ପିତା ପଣ୍ଡିତ ଜଗନ୍ନାଥ ଶର୍ମା କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ ଓ ଅନୁବାଦିତ ଏବଂ ଆମ୍ଭ କୃତ ଓ ଅନୁବାଦିତ ଯାବତୀୟ ପୁସ୍ତକମାନ ଆମ୍ଭର ବିନା ଅନୁମତିରେ କେହି କୌଣସି ଯନ୍ତ୍ରାଳୟରେ ଛପା କରିଇ ପାରିବେ ନାହିଁ । ଯେବେ କେହି ଛପା କରନ୍ତି ତେବେ ଆମ୍ଭେ ବାଧ୍ୟମତେ ତାହାଙ୍କଠାରୁ କ୍ଷତିପୂରଣ ନେବାକୁ ଯତ୍ନ କରିବୁଁ । ଇତି ।

୬।୧।୧୯୦୪    ଶ୍ରୀ ସୁଦର୍ଶନ ନନ୍ଦ ଶର୍ମା

## ବିଜ୍ଞାପନ ।

### ନୂତନ ଲେଖିବାର କାଳି ।

ଲେଖିବା ସମୟରେ ନାଲ ଶୁଖିଗଲେ କଳା ହୁଏ ଶୀଘ୍ରରେ ଦେଲାପରି ଏହାବେଳକେ ମିଶିଯାଏ; ଦୁଆତରେ ଶିଦଡ଼ା ବସେ ନାହିଁ ବା ଛଣିବାକୁ ହୁଏ ନାହିଁ ନମୁନା ବିନା ଖରଚରେ ପଠାଇ ଦିଆଯାଏ ।

ପ୍ରାପ୍ତିସ୍ଥାନ
ଏଇଚ୍, ଦେ, ବାଲେଶ୍ୱର

## କୁଷ୍ଠରୋଗୀ ।

### ହତାଶ ହୁଅ ନାହିଁ

ଆମ୍ଭେ ବହୁ ପରୀକ୍ଷାକର ପ୍ରତିଜ୍ଞା ପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠକବଳରୁ ମୁକ୍ତି ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚିକିତ୍ସା କରାଇ ଓ ବହୁ ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରିତ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନକୁ ଅତିରଞ୍ଜିତ ବା ଆଡ଼ମ୍ବର ପୂର୍ଣ୍ଣ ମନେ ନ କର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାଶିକାବକ୍ର, କର୍ଣ୍ଣବିକୃତ ଓ ସର୍ବାଙ୍ଗ ବ୍ୟାପି ଶରୀରରେ ଘାଆମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷା କରି ଦେଖିଲେ ଜାଣିପାରିବ । ନିମ୍ନ ଠିକଣାକୁ ଡାକମାସୁଲ ଟିକଟସହ ପତ୍ର ଲେଖିଲେ ପ୍ରସ୍ତୋତ୍ତର ଜାଣିବା ବିଷୟମାନ ବୁଝିପାରିବ ।

ଭୁବନେଶ୍ୱର } ଶ୍ରୀ ବାଳକୃଷ୍ଣଦାସ
କଟକ } କବିରାଜ

## ବିଜ୍ଞାପନ ।




### ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋର ଆଶ୍ଚର୍ଯ୍ୟ ଔଷଧାବଳୀ ।

ଭାରତବାସୀ ରୋଗୀଙ୍କର ଆଉ ଭୟର କାରଣ ନାହିଁ ।

ସାଲସା ପ୍ୟାରିଲା ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକସାଲସା ଉପଦଂଶ (ଗରମୀ କେସ୍ମୀ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, କଣ୍ଡୂ, ବାତ; ଦେହ ହାତ ଓ ଗୋଡ଼ର ଚକା ଚକା ଦାଗ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ଦୁର୍ବଳତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ରୋଗୀ କ୍ଳାନ୍ତ ଶରୀରୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ଉନ୍ନତି ନିମନ୍ତେ ଶିଶୁଏ ଖାଇବାର ଆବଶ୍ୟକ,

ମୂଲ୍ୟ ଟ ୧୷    ମାଶୁଲ ଟ ০ ৷

ଷଣ୍ଡ ଗନୋରିଆର ମିକ୍‌ଶ୍ଚର ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ କ୍ଷତ, ପ୍ରସ୍ରାବକାଳୀନ ଜାଳ ଓ ରକ୍ତପାତ, ସପୂଜ ଧାତୁସ୍ଖଳନ, ମୂତ୍ରକୃଚ୍ଛ୍ର, ଟୋପାଟୋପ ଗୋଳିଆ ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଶିରୋଘୂର୍ଣ୍ଣନ ଏବଂ ସର୍ବାପେକ୍ଷା ଭୟାନକ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ପରୀକ୍ଷା କରି ଦେଖନ୍ତୁ ଓ ନିର୍ଦ୍ଦୋଷ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଆବିଷ୍କୃତ ହୋଇ ନାହିଁ । ଅତି ଭୟାନକ ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧୷    ମାଶୁଲ ଟ ০ ৷

ସନରେଷ୍ଟୋର ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି; ସ୍ମୃତିଶକ୍ତିହୀନତା ଅତିରିକ୍ତ ପ୍ରସ୍ରାବ, କୋଷ୍ଠ କାଠିନ୍ୟ ପ୍ରଭୃତି ଯାବତୀୟ ଶୁକ୍ର ପୀଡ଼ାର ଅବ୍ୟର୍ଥ ମହୌଷଧ । ଏହାକୁ ସେବନ କଲେ ମନ ପ୍ରଫୁଲ୍ଲିତରେ ଓ ଶରୀର ନବ ବଳରେ ବଳୀୟାନ୍ ହୋଇ ନବଜୀବନ ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନଦ୍ୱାରା ଧଜଭଙ୍ଗ ରୋଗ ଆରୋଗ୍ୟ ନ ହୁଏ ତାହାହେଲେ ଜଗତ୍ରେ ଆଉ ଅନ୍ୟ ଉପାୟ ନାହିଁ ।

ମୂଲ୍ୟ ଟ ୧୷    ମାଶୁଲ ଟ ০ ৷/

ଡଂଓ୍ୟାରମ ଲୋସନ ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଦାଦ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଦାଦ ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝିପାରିବେ ।

ମୂଲ୍ୟ ଟ ০ ৷    ଡାକମାଶୁଲ ଟ ০ ৷/

ଠିକଣା—ଏ, ସଟନ ଏଣ୍ଡ କୋଂ

ନ ୨୭୭ ଅପର ଚିତ୍ପୁର ରୋଡ ହାଟଖୋଲ କଲିକତା

ଏବଂ କଟକରେ ଉତ୍କୋଃଷ୍ଟ ମେଡ଼ିକେଲ ହଲ ନାମକ ଡାକ୍ତରଖାନାର ମାଲିକ ଡାକ୍ତର ଅକ୍ଷୟକୁମାର ଘୋଷ ମାନଙ୍କର ଏକମାତ୍ର ଏଜେଣ୍ଟ ଅଟନ୍ତି ।


Split by PDF Splitter
Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଆଉ ଡାକ୍ତରଙ୍କ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଜରାଗ୍ରସ୍ତ ଜୀବନର ନୂତନ ଅବସ୍ଥା ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

DR. J. T. MARTIN'S AGENTS. I. B. G. & CO. REGISTERED TRADE MARK

# Dr. Martin's DANZIN

DR. J. T. MARTIN'S AGENTS. I. B. G. & CO. REGISTERED TRADE MARK

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥିନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ସୁଲଭ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥିନିମନ୍ତେ ଡାକ୍ତର ମାର୍ଟିନ ସାହେବ ସର୍ବକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ କାର୍ଯ୍ୟାବସରରେ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅନୁସରଣ, ଫଷ୍ଟପ୍ରାଇ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତା ଜନକ ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରିଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହୌଷଧ "ଡ୍ୟାନଜୀନ" ସେବନ କରି ଦେଖ ସଦ୍ୟଃ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏକାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ଦୃଷ୍ଟାନ୍ତ ଦେଖାଯାଏ । ଡ୍ୟାନଜୀନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜୀନର ଗୁଣ ପ୍ରାପ୍ତ ।

ଡ୍ୟାନଜୀନରେ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍ଫିୟା ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ବହୁକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରରେ ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥିନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଭଗ୍ନ ଦେହର ଜୀବନ ।

### ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମି ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଯ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଚୂନାପରି ପଦାର୍ଥ ବାହାରି ହେବା । ସ୍ୱପ୍ନଦୋଷ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୁଣ୍ଡବୁଲା, ବୁକଧଡ଼ଡ଼ି, ଜ୍ୱର, ଚକ୍ଷୁ ଜ୍ୱାଳା, ଆଖିରୁ ଜଳପଡ଼ିବା, ହାତଗୋଡ଼ ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, ବନ୍ଧ୍ୟତା, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମି ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁହଁରେ ଓ ନାକଭିତରେ ଘା, କାଳି ଘା, ପଚଘା, ନାଳଘା ନାସୁର, ଭଗନ୍ଦର, ନାଳୁ, କୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କଟକଟ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧॥ ୩ବୋତଲ ଟ ୪୲୰, ୬ବୋତଲ ଟ ୭॥ ଙ୍କା ଓ ୧୨ବୋତଲ ଟ ୧୪୲ ଙ୍କା ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦।୵ ଅଣା, ୪ ଠାରୁ ୧୨ବୋତଲ ଟ ୦ ।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" BARA BAZAR, CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ ବଡ଼ବଜାର କଲିକତା

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଅଦ୍ଭୁତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପରନ୍ତୁ ଏଥିରେ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡାକ ଟ ୵ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଦ୍ଭୁତ ମେଷ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡାକ ଟ ୧୦ ୧ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟ ... ଏଣ୍ଡ କୋଂ ବଡ଼ବଜାର କଲିକତା


Digitized by srujanika@gmail.com

ଅଫ୍ରିକାର ସୋମାଲିଲଣ୍ଡର ସୀମାରେ ଇଂରାଜମାନେ ଏକ ବଡ଼ ଯୁଦ୍ଧରେ ଜୟଲାଭ କରିଥିବାର ସମ୍ବାଦ ମିଳଇ। ଶତ୍ରୁ ପକ୍ଷରୁ ପ୍ରାୟ ୧୦୦୦ ଲୋକ ହତ ହୋଇଅଛନ୍ତି ମାତ୍ର ଇଂରାଜଙ୍କ ପକ୍ଷରୁ ଦୁଇଜଣ କର୍ମଚାରୀ ହତ ଓ ୭୮ ଜଣ ସୁଦ୍ଧା ଆହତ ହୋଇଅଛନ୍ତି।

## ଭରସିଂହପୁର ସମ୍ବାଦ।

ଗତ ତା ୧୮ ରିଖ ସନ୍ଧ୍ୟା ସମୟରେ ଏ ଭରସିଂହପୁର ମାନେଜର ମହୋଦୟଙ୍କ ପାକଶାଳାରୁ ଦୈବାତ୍ ଅଗ୍ନି ବାହାର ହୋଇ ମଧ୍ୟରେ ୧୬ଟି ମୃତ୍ତିକା ନିର୍ମିତ ଛପର ଘର ଭସ୍ମୀଭୂତ ହେଲା। ଅଗ୍ନି ନିର୍ବାପିତ କରିବାପାଇଁ ପାଇକ ଲୋକ ସମବେତ ହୋଇଥିଲେ, ଗୃହଟି ସଙ୍କୀର୍ଣ୍ଣ ସ୍ଥାନରେ ହୋଇଥିବାରୁ ଅକସ୍ମାତ୍ ଅଗ୍ନି ଉତ୍ପନ୍ନ ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ସମୟ ନ ଥିବାରୁ ଲୋକମାନେ ହତୋତ୍ସାହ ହୋଇ ନିବୃତ୍ତ ହେଲେ। ସେହିସ୍ଥାନ ମଧ୍ୟରେ ପ୍ରାୟ ୧୦ ଜଣ ଧାନ ଓ ୨ ଜଣ ପର୍ଯ୍ୟନ୍ତ ଗୃହର କୋଠିଏ ଚାଉଳ ମାର୍ଜିତ ଭସ୍ମୀଭୂତ ହୋଇ ଯାଇଅଛି।

ତା ୧୪।୧।୦୪ ରାତ୍ରରେ ଗୋଟିଏ ମହାବଳ ବ୍ୟାଘ୍ର ଦୁର୍ଗର ନିକଟବର୍ତ୍ତୀ ଜଙ୍ଗଲରେ ବହୁ ଏହାଙ୍କର ଗୋ ୩ ଟି ଅଶ୍ୱ ଏବଂ ଏକ ଗୋଟି ଗର୍ଦ୍ଦଭ ମାରି ଗର୍ଦ୍ଦଭଟିକୁ ଜଙ୍ଗଲକୁ ନେଇ ପଳାୟନ କରିଅଛି ଏବଂ ବହୁ ପରିବାରର ରଜନୀରେ ଗ୍ରାମ ଗୋ ୪ ଟି ଗୋଶାଳାରେ ପ୍ରବେଶ କରି ଖାଇ ଯାଇଅଛି ଏବଂ ତା ୧୮ ରିଖ ରାତ୍ରରେ ଏଠା ଡାକ୍ତରଙ୍କର ଗୋଟିଏ ଅଶ୍ୱ ମାରି ପକାଇଅଛି। ଏହା ବ୍ୟତୀତ ସ୍ଥାନମାନଙ୍କର ଗୋଶାଳାରେ ଉପସ୍ଥିତ ହୋଇ ଗୋରୁ ମାରି ପକାଇ ଅଛି।

## ପୁରୀ ସମ୍ବାଦ

ଗତ ରବିବାର ତା ୧୭ ରିଖ ପ୍ରାତଃ ପ୍ରାୟ ୮ ଘଣ୍ଟା ସମୟରେ "କାଲ୍ଟୁ" ନାମକ ଜାହାଜ ଗଙ୍ଗା ସାଗର ଯେ-ଇଲ୍ଲା ସାହୀ ସେହି ସୀମାରେ ପହଞ୍ଚି ଅଟକ ରହି ତା ୧୯ ରିଖ ମଙ୍ଗଳବାର ଏଠାରୁ ପ୍ରସ୍ଥାନ କରିଅଛି। ପୁରୀରୁ କଲିକତା ଯିବା ସକାଶେ ଉକ୍ତ ଜାହାଜର ଅଧିକ ଜଣ ଯାତ୍ରୀ ଏକଟିକା ହୋଇଥିଲେ।

ଗତ ପୂର୍ବ ରବିବାର ଶ୍ରୀଜଗନ୍ନାଥଙ୍କର "ପାକଶାଳ" ଭେଟ ହୋଇଥିଲା। ଏ ଭେଟ ପ୍ରାୟ ୨୦।୨୪ ବର୍ଷ ହେଲା ବନ୍ଦ ହୋଇ ଯାଇଥିଲା। ଏ ବର୍ଷ ମନ୍ଦିର ଉପରେ ମଧୁସୂଦନ ପାଠକଙ୍କ ତ୍ରସ୍ତ କେବେଳ ଉକ୍ତ ବର୍ଗଙ୍କ ଉଦ୍ଯୋଗରେ ସାଧାରଣ ଚାନ୍ଦାରେ ପ୍ରାୟ ଟ ୫୦୦ ଙ୍କା ଉଠିଥିଲା। ଉତ୍ସବର କାର୍ଯ୍ୟାଦି ନୂତନ ଭାବ ସହିତ ଓ ଶୋଭାକର ହୋଇଥିଲା।

ଏ ବର୍ଷ ମକରସଂକ୍ରାନ୍ତି ଦିନ ସ୍ୱୟଂ ମେନେଜର ମହୋଦୟ ଉପସ୍ଥିତ ଥାଇ ନିୟମିତ ସମୟରେ ନୀତି ନିର୍ବାହ କରିଥିଲେ। ମଧ୍ୟାହ୍ନ ପ୍ରାୟ ୨ ଘଣ୍ଟା ସମୟରେ ମକର ପର୍ବଣା ହୋଇ ସକଳ ସମ୍ପନ୍ନ ହୋଇଥିଲା। ଏ ଦିନ ଦେଉଳ କୋଠଭୋଗ ଛଡ଼ା ପ୍ରାୟ ୫୦ ଟ ଘଅର କାର୍ଯ୍ୟ ହୁଏ ଏବଂ ସକଳର ନୀତ ମଧ୍ୟ ଅଟଇ। ଏପରି ସ୍ଥଳେ ନୀତ ସବୁ ସୁବନ୍ଦୋବସ୍ତରେ ଓ ଯଥାସମୟରେ ସମ୍ପନ୍ନ ହେବା ଦେଖି ସମସ୍ତେ ସନ୍ତୁଷ୍ଟ ହୋଇଥିଲେ।

ଏ ଯାତ୍ରାରେ ଏବର୍ଷ ବିଶେଷ ଯାତ୍ରୀ ହୋଇ ନ ଥିଲେ; ବଡ଼ କ୍ଷେତ୍ରୀ ଓ ଲୋକଲ ବାସୀ ଯାତ୍ରୀ ସମେତ ପ୍ରାୟ ସାତ ପାଞ୍ଚ ହଜାର ଲୋକ ହୋଇଥିଲେ। ଏକ କୌଣସି ଦୁର୍ଘଟନା ଶ୍ରୀବୃଦ୍ଧିକ ନ ଥିଲା।

ଜାନୁଆରି ପ୍ରଦେଶୀୟ କୋଚାବିସ ତଳରୁ ଏକ ସର୍କସ ଦଳ ଏ ସପ୍ତାହରେ ଅବି ଜଗନ୍ନାଥବଲ୍ଲଭ ମଠ ସମ୍ମୁଖରେ ନାନା ଜାତୀୟ ବ୍ୟାଘ୍ର, ଘୋଡ଼ା, ହସ୍ତୀ, ମର୍କଟ, ଛାଗଳ ପ୍ରଭୃତିଙ୍କ ଦ୍ୱାରା ନାନାବିଧ ସର୍କସ ଦେଖାଉଅଛନ୍ତି।

ଏବର୍ଷ ସ୍ୱରସ୍ଥତା ନ ଥିବାରୁ ଜ ଜଣ ଛାତ୍ର ଆଗାମୀ ଏଣ୍ଟ୍ରେନ୍ସ ପରୀକ୍ଷା ଦେବା ସକାଶେ ମନୋନୀତ ହୋଇଅଛନ୍ତି।

ଦ ସପ୍ତାହରେ ଶୀତ ଭଲ ହୋଇଅଛି।




ଡାକ୍ତର ମେଜର ସାହେବଙ୍କ **ଇଲେକ୍‌ଟ୍ରୋ ସାଲସା** ଅଦ୍ଭୁତ ଓ ଅତ୍ୟୁତ୍ତମ ଆବିଷ୍କୃତ, ବିଶ୍ୱବିଖ୍ୟାତ ସେହି ଆଶ୍ଚର୍ଯ୍ୟଗୁଣ! ପ୍ରତ୍ୟକ୍ଷଫଳ;

ଚିକିତ୍ସାଜଗତରେ ନବଯୁଗ ବର୍ତ୍ତାଇଅଛି। ଏହା ରକ୍ତଦୁଷ୍ଟିର ବୃଦ୍ଧାଙ୍ଗ, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି।

୧। ମହାମାନ୍ୟ ମହାରାଜା ସାର ଯତୀନ୍ଦ୍ରମୋହନ ଠାକୁର ବାହାଦୁର ଲେଖିଅଛନ୍ତି:—"※※※ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ"।

୨। ମହାମାନ୍ୟ ମହାରାଜା ଗଣ୍ଡରାଜେନ୍ଦ୍ର ଦେବ ରେଢ଼ାଖୋଲରୁ ଲେଖିଅଛନ୍ତି—"※※※ ବନ୍ଧୁପତ୍ରର ମୋହରରେ ପଢ଼ି "ଉଦାହରଣ" ଔଷଧ ମଗାଇଲି, ଉପକାର ଦେବା ପୂର୍ବରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା। କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ। ମୋତେ ଆଉ ୬ ଡଜନ ପଠାଇଦେବେ"।

୩। ମହାମାନ୍ୟ ମହାରାଜା-ଦ୍ୱରଦ୍ୱର ମର୍ଦ୍ଦନ ଦେଓ ଗଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ"।

ମୂଲ୍ୟ ପ୍ରତି ଶିଶି ଟ ୨ ୧ ଶିଶି।୬ ଶିଶିରୁ ଯଥାକ୍ରମେ ଟ ୫ ଟ ୧୦ ଟ ୨୦ ଡାକମାସୁଲ ସ୍ୱତନ୍ତ୍ର।

ପ୍ରାପ୍ତିସ୍ଥାନ:—ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ କଲିକତା।

Digitized by srujanika@gmail.com

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

# ହେୟାର-ଲାଇନ୍

କେଶର ପରିପୋଷଣ, ପରିବର୍ଦ୍ଧନ ଓ ସ୍ଥାୟୀତାଜନକାର୍ଥ ମନୋହର କେଶ ତୈଳ । କେତୋଟି ବୈଷଜଗୁଣାନ୍ୱିତ ସଦ୍ୟ ପ୍ରସ୍ଫୁଟିତ ସୁଗନ୍ଧପୁଷ୍ପ, ଅନନ୍ୟସୁଲଭ ସ୍ୱଭାବ ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବିଶୁଦ୍ଧ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର ଲାଇନ ପ୍ରସ୍ତୁତ ହୋଇଅଛି । ଆପଣ ଏହା ଲଗାଇବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହଅଦ୍ଭ ମହକ ପଡ଼ିବ । ମସ୍ତିଷ୍କ ସୁଶୀତଳ ହେବ । ନିକଟସ୍ଥ ଲୋକେ ମନୋହର ସୁଗନ୍ଧରେ ମୁଗ୍ଧ ହେବେ । ଆପଣଙ୍କର ମନେ ହେବ ଯେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନକୁ ଆସିଅଛୁଁ ।




"ହେୟାର ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟାକାଳ ଗନ୍ଧ ସମସ୍ତଙ୍କରେ ଥାଏ । ଶୁଷ୍କ ପତ୍ର ଦେହରେ ଯେପରି ପବନ ଲଗେ, ହେୟାର ଲାଇନର ଗନ୍ଧ ସେପରି ବାହାରୁଥାଏ, ଯେପରି ସୌରଭର ଭଣ୍ଡାର ଖୋଲି ହୁଏ । ଅତି ମୂଲ୍ୟବାନ୍ ଅତର ଓ ବିଦେଶୀୟ ମ୍ୟାକେସାର ତୈଳ ପ୍ରଭୃତି ଏହାର ସୌରଭ ଓ ଗୁଣ ନିକଟରେ ପରାହତ ।

"ହେୟାର ଲାଇନ" ରଙ୍ଗ ଅତି ମନୋହର, ସୁସ୍ୱାଦୁ, ନିର୍ମଳ ଓ ସ୍ୱଚ୍ଛ । ଏଥି ଜମନ୍ତେ କେଉଁରେ ଅଠା ଧରେ ନାହିଁ ।

"ହେୟାର ଲାଇନ" କେବଳ ସୌଖିନ ଜିନିଷ ନୁହେଁ ମୁଣ୍ଡ ବ୍ୟଥା, ମୁଣ୍ଡ ବୁଲା, ହୃତ୍କମ୍ପ ପ୍ରଭୃତି ଶିର ରୋଗର ମହୌଷଧ । ହସ୍ତ, ପଦର ଜ୍ୱାଳା, ଗାତ୍ର ଦାହ, ଅତି ଅଳ୍ପ ପରିଶ୍ରମରେ ପ୍ରାଣର ଅସ୍ଥିର ଭାବ, ସ୍ମୃତିଶକ୍ତି ଦୌର୍ବଲ୍ୟ, ଭଲ ପଢ଼ିବା ପ୍ରାୟ ବୋଧ ହେବା, ଅନିଦ୍ରା, ଚିତ୍ତ ଚାଞ୍ଚଲ୍ୟ ପ୍ରଭୃତି ଉପସର୍ଗ ଦୂରକରଣରେ ଏହା ତୁଲ୍ୟ ଶମତାପନ୍ନ ଔଷଧ ଆଉ ନାହିଁ ।

"ହେୟାର ଲାଇନ" ବ୍ୟବହାରକାରୀ କେଶ ଦୀର୍ଘ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଖାଲିଆ ରୋଗ ନଷ୍ଟ ହୁଏ, ମୁଣ୍ଡର କୁଣ୍ଡି ପ୍ରଭୃତି ନଷ୍ଟ ହୁଏ; କେଶ ସରୁ, କୋମଳ ଓ ସୁଦୃଶ୍ୟ ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଥୈର୍ଯ୍ୟ ଧୈର୍ଯ୍ୟ ବଢ଼େ ... ଶକ୍ତି ବୃଦ୍ଧି ହୁଏ ।

ମୂଲ୍ୟ ପ୍ରତି ଶିଶି ୧ ( ୩, ୬, ୧୨ ଶିଶି କ୍ରୋଡ଼ୁସ୍ତରେ ୨ ୩, ୫ ୧୦, ୫ ୨୦ ପର୍ଯ୍ୟନ୍ତ ଓ ଡାକ, ମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତି ସ୍ଥାନ ଡବଲ୍ୟୁ ମେଜର ଏଣ୍ଡ କୋମ୍ପାନୀ—କଲିକତା ।

ଅଉ ମୃତ୍ୟୁ ନାହିଁ ! ବିଚ୍ଛେଦ ନାହିଁ ! !

ଅଦ୍ଭୁତ ମଧ୍ୟରେ ଅଦ୍ଭୁତ ! ! !



PLANCHETTE ( ପ୍ଲାଞ୍ଚେଟ )

ଏହା ଖେଳଦ୍ରବ୍ୟ ନୁହେଁ । ଏହା ମନ୍ତ୍ର ନୁହେଁ । ।

ପ୍ରେତ ଜଗତରେ ଏହାର ଅଦ୍ଭୁତ ପ୍ରଭାବ ଆଛି । ମୃତ ମନୁଷ୍ୟ ( ଯେଉଁ କାଳରେ ମରିଥିଲେ ହେଲେ ) ସୂକ୍ଷ୍ମ ଦେହ ଏବଂ ଦର୍ଶନକାରୀଙ୍କ ଶରୀରକୁ ଅଦୃଶ୍ୟ ହୋଇ ପାରିବ ଏବଂ କେହି ଇଚ୍ଛା କଲେ ତାହା ସଙ୍ଗେ କଥୋପକଥନ କରି କେତେକ ସତ୍ୟ ଅବଧାରିତ କରି ପାରିବେ କିମ୍ବା ସମସ୍ତ ପ୍ରଶ୍ନର ଯଥାର୍ଥ ଉତ୍ତର ପାଇ ପାରିବେ । ପ୍ରତ୍ୟେକ ଯନ୍ତ୍ର ସଙ୍ଗେ ମୁଦ୍ରିତ ଉପଦେଶ ଦିଆଯାଏ । ଅଙ୍କାରକରେ ଥ୍ରୀଷ୍ଟମାନ୍ ( କଡ଼ବାଜ ) ଏବଂ ନୂତନ କର୍ଣ୍ଣର ପଦ୍ଧତିରେ ( ଥ୍ରୋଟବାର ) ଅଛି । ସେଥିରେ ଏଥିରୁ ଯୋଗ୍ୟ ସ୍ଥଳେ ଭୂତେ ଭୂତଳ ମୃତପିତା, ମାତା, ପତ୍ନୀ, ଭ୍ରାତା, ଓ ସୁହୃଦ କନ୍ୟାମାନଙ୍କ ତଳ ସମ୍ମୁଖରେ ଦେଖିବ ଏବଂ ସମାନଙ୍କ ସଙ୍ଗ-ସୁଖ ଉପଭୋଗ କରିବ ।

ବଡ଼ଇ ସୁଯୋଗ । ଶୀଘ୍ର କର । । ଭଲ ଶସ୍ତା । ।

ଜାଣ୍ଟର ବହୁତ ଏହିଥିରୁ ଅଦ୍ଭୁତକାର୍ଯ୍ୟ ସମାଧାନ କରିବା ମାନବ ଜୀବନରେ ବଡ଼ ଉପାଦେୟତା ଶକ୍ତି ଅଛି ।

## ମୂଲ୍ୟ ପ୍ରତି ଗୋଟାକୁ ଟ ୨୩ ଙ୍କା

ଉପହାର । ଉପହାର । । ଉପହାର । । ।

ଏକୋଟି ଖରିଦ କଲେ ଗୋଟିଏ ଝାଲରପ୍ରଦୀପ ପାଇବେ

୨ „ „ „ „ ସୁନାର ଔଷଧ „

୧୨ „ „ „ „ ରୂପାର ଘଣ୍ଟା „

ଡାକ୍ତରଙ୍କ କେଟେଲଗ୍, ପ୍ରାଇଜ୍ ଟିକେଟ୍ ଓ ଅନ୍ୟାନ୍ୟ ଜିନିଷ ଦିଆଯାଏ ।

ଏସ୍ ମିତ୍ରକମ୍, ଡାକ [illegible]

୨ ୮ [illegible], ୧୯ ବା[illegible]

କଲିକତା, [illegible]

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାକୁ ଯାହାଙ୍କ [illegible] ଇଚ୍ଛା ହେଉଅଛି, [illegible]

ପ୍ରଥମଥର ସକାଶେ

ଧାଡ଼ିପ୍ରତି ୦ ୦ ୬

ଅଧସ୍ତମ୍ଭକୁ ୨ ୨ ୮

ପୂର୍ଣ୍ଣ ଏକ ସ୍ତମ୍ଭକୁ ୪ ୦

ମାତ୍ର କୌଣସି ବିଜ୍ଞାପନ ଯେତେ ଥର [illegible] ଛପାଇ ... ଟଙ୍କା ଲାଗିବ [illegible]

... ଓ ଲମ୍ବଥିବ ସକାଶେ ... ପ୍ରଥମ ଥର ଦେବା ଓ ... ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସହିତ [illegible] ଦେବାକୁ ହେବ ।

ଏହି ଉତ୍କଳଦୀପିକା ଅଫିସ କଟକ ଚଉଧୁରୀ ... ଶ୍ରୀମାନ ... ସମ୍ପାଦକଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲ



ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର !

ଉଦ୍ଧୃଷ୍ଟ ଜଗତରେ—ଯୁଗାନ୍ତର ! !

ଅସାଧ୍ୟ ରୋଗର—ସାଧ୍ୟ ଔଷଧ ! ! !

## ହାଇଡ୍ରୋସିଲ-ଇଲିକ୍ ସାର

ବା

### କୋଷ ବୃଦ୍ଧିର ଅମୋଘ ଔଷଧ ।

ଗତ ବର୍ଷ ଅବ୍ଦକାଳରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି ! ଆମ୍ଭମାନଙ୍କ ବିଜ୍ଞତା ! ସୁନ୍ଦର ବହୁ ପାଲ୍କ, ଏହି ପ୍ରଲେପ ନିୟମିତରୂପେ କେତେକ ସପ୍ତାହ ବ୍ୟବହାର କଲେ ଏକଶତ ବା କୋଡ଼ିଏ ସେର ଭାରି ହେଲେ, ସେତେ ସୁଦ୍ଧା ଭଲ ହେଲେ ନିଶ୍ଚୟ ଆରୋଗ୍ୟ ହେବ । ଯେଉଁମାନେ ଏହି ରୁଗ୍ଣର ରୋଗ ଓ ତାହାର କଷ୍ଟ ଯନ୍ତ୍ରଣାଦାୟକ ଉପସର୍ଗାଦିରୁ ନିବୃତ୍ତିରେ ଓ ଏହା ଯନ୍ତ୍ରଣାରେ ଅଥଚ ଗୋପନତାରେ ଆରୋଗ୍ୟ ଲାଭର କାମନା କରନ୍ତି, ସେମାନେ ଥରେ ଏହି ପ୍ରଲେପ ବ୍ୟବହାର କରି ଦେଖନ୍ତୁ ! ପ୍ରଥମ ଥର ବ୍ୟବହାରରେ ଏହାର ଆଶ୍ଚର୍ଯ୍ୟ ଗୁଣକାରିତା ଜଣା ଯାଏ ଅର୍ଥାତ୍ କେବଳ ସ୍ଫୀତ ସ୍ଥାନରେ ଔଷଧ ଲେପନ କରି ବାନ୍ଧିଲେ ... କୋଷ ମଧ୍ୟସ୍ଥ ... ନାଶ ... ହୋଇ ... ପ୍ରଭୃତି ... ଅଣ୍ଡ ... ହୋଇଯାଏ ଏବଂ ... ଓ ସୁସ୍ଥ ହୁଅନ୍ତି । ଯେଉଁମାନେ ଆରୋଗ୍ୟ ହେବା ... ଉପଭୋଗ କରିଅଛନ୍ତି, ସେମାନେ ଏହି ମହୌଷଧ ପ୍ରତି ... କରନ୍ତୁ । ବ୍ୟବହାରରେ ... ଜାଲ ... ଅଥବା ... ପ୍ରାରମ୍ଭରୁପ ।

ମୂଲ୍ୟ ପ୍ରତି ଶିଶି ୫ ... ଶିଶି ଏକତ୍ରରେ ୨ ୪ । ୨ ଶିଶି ୫ ୬ ଙ୍କା ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ,—ଡବଲ୍ୟୁ, ମେଜର ଏଣ୍ଡ କୋ କଲିକତା ।

Digitized by srujanika@gmail.com

Split by PDF Splitter

GISTERED No. C 81



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା।

## THE UTKAL DIPIKA.

ଭା ୩୯ ଶ
ସ ୫ ଶ୍ୟ

CUTTACK, SATURDAY THE 30th January 1904.
ତା ୧୬ନ ମାଘ ସନ ୧୩୧୧ ସାଲ ଶନିବାର

ଅଗ୍ରିମ ଟ ୩୮
ପଶ୍ଚାଦେୟ ଟ ୪

## ବିଜ୍ଞାପନ।

### କଟକ ପ୍ରିଣ୍ଟିଂ କମ୍ପାନୀର
### ନୂତନ ପଞ୍ଜିକା

ଆଗାମୀ ୧୨୨୨ ସନ ୧୩୧୧ ଓ ୧୩୧୨ ସାଲ ଇଂରାଜୀ ସନ ୧୯୦୪।୧୯୦୫ ମସିହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି। ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ସୁନ୍ଦର, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ। ଶ୍ରୀକ୍ଷେତ୍ରର ମୁକ୍ତିମଣ୍ଡପର ପୂଜ୍ୟପାଦ ପଣ୍ଡିତମଣ୍ଡଳୀ ଏହି ପଞ୍ଜିକାର ଅଧିକତର ଆଦର ଏବଂ ପୁରୀ ନଗରରେ ଏହାର ଅଧିକ ଗ୍ରାହକ ଏବଂ ଏହା ଶ୍ରୀ ଜଗନ୍ନାଥ ଦେବଙ୍କ ପାଞ୍ଜି ବୋଲି ବିଖ୍ୟାତ। ଏହାର ଗୁଣ ସମ୍ବନ୍ଧେ ଅଧିକ କହିବା ବାହୁଲ୍ୟ ଅଟେ।

| | |
|---|---|
| ବଡ଼ ପଞ୍ଜିକା | ଟ୦। |
| ଛୋଟ ପଞ୍ଜିକା | ଟ୦୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିସନ ପାଇବେ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## NOTICE.

A meeting will be held in the Jubilee Park on the 30th instant at 6 P. M. to congratulate Mr. M. S. Das on his being honored with a C. I. E.

Gentlemen are respectfully invited to attend.

Cuttack
21—1—04.

RAMSAKKAR ROY.
*Hony. Secretary,*
Executive Committee.

ଶ୍ରୀ ବାବୁ ମଧୁସୂଦନ ଦାସ ସି, ଆଇ, ଇ, ଉପାଧି ପାଇଥିବାରୁ ତାଙ୍କୁ ଅଭ୍ୟର୍ଥନା କରିବା କାରଣ ଚଳିତ ମାସ ତା ୩୦ ରିଖ ସନ୍ଧ୍ୟା ଘ ୬ ଣ୍ଟା ସମୟରେ ଜୁବିଲି ପାର୍କରେ ଏକ ସଭା ହେବ।

ସର୍ବସାଧାରଣଙ୍କର ଉପସ୍ଥିତି ପ୍ରାର୍ଥନୀୟ।

କଟକ
୨୧।୧।୦୪

ରାମଶଙ୍କର ରାୟ
କାର୍ଯ୍ୟ ନିର୍ବାହକ ସଭାର ସମ୍ପାଦକ

## WANTED

A Head master for the Gupt Raj-Kumar M. E. School Keunjhar on a salary Rs. 35 a month with free quarter rising to Rs. 40 by bienial increment of Rs. 2.

None need apply who has not passed F. A. Examination and is not strong in English.

Applications with testimonials to be received up to the 15th February 1904.

Keunjhar Maharaja's Sadder office,
21—1—24.

Gopal Behab Das
Dewan
Keunjhar State.

## NOTICE.

Wanted 3 Entrance passed candidates for the Nilgiri Raj office on Rs 15 to 20 per month each and one passed Overseer with knowledge of building, road-making &c. for P. W. D, Nilgiri, on Rs. 25 to Rs. 30 per month. Applications with copies of testimonials will be received by the undersigned up to the 31st January 1904. None need apply who cannot write a good hand in English and Oria.

Private Secretary to
H. H. the Raja of
Nilgiri.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack*

## ADVERTISEMENT

Wanted smart and energetic chief and Local mofussil agents in every District to introduce and sell our Electric, acetylene lights and Novelties and Graphophones and Phanographs &c. Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides 12½ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES
and
acetylene goods supply Co,
64 College street, Calcutta.

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆଗାମୀ ସନ ୧୯୦୪—୧୯୦୫ ସାଲର ଏହି ମିଉନିସିପାଲିଟୀର ଅନୁମାନିକ ଆୟ ବ୍ୟୟର ବଜେଟର ଓଡ଼ିଆ ଅନୁବାଦ କରଦାତାମାନଙ୍କର ଗୋଚରାର୍ଥ ସକାଶେ ମିଉନିସିପାଲ ଅଫିସରେ ରଖା ହୋଇଅଛି। କରଦାତାମାନେ ଅଦ୍ୟଠାରୁ ତା ୨୪ ନ ମଧ୍ୟରେ ପୂର୍ବାହ୍ଣ ୧୧ ଟାଠାରୁ ଅପରାହ୍ଣ ୫ ଘଣ୍ଟା ମଧ୍ୟରେ ଉକ୍ତ ବଜେଟ ଦେଖି ପାରିବେ। ଯେଉଁ କରଦାତାମାନେ ଉକ୍ତ ଆୟ ବ୍ୟୟର ସମ୍ବନ୍ଧରେ କୌଣସି ପ୍ରସ୍ତାବ କରିବାକୁ ଇଚ୍ଛା କରନ୍ତି ତାହା ସେମାନେ ଉକ୍ତ ମିଆଦ ମଧ୍ୟରେ ଲେଖି ଦାଖଲ କରି ପାରିବେ।

କଟକ ମିଉନିସିପାଲ
ଅଫିସ
୨୭।୧।୦୪

RAMSANKAR ROY
*Chairman*
Cuttack Municipality.

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ

ନୂତନ ପୁସ୍ତକ

ଶାକୁନ୍ତଳାସ ।

ମୂଲ୍ୟ ଟ ୦।୵ ଡାକମାସୁଲ ସ୍ୱତନ୍ତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

---

# J. KIPPAX & Co.'s

PREPARATIONS.

### ଯେ, କିପାକ୍ସ ଏଣ୍ଡ କୋମ୍ପାନିର ଔଷଧ ।

ଜ୍ୱରନାଶକ ବଟିକା—ଏହା କୋଷ୍ଠବଦ୍ଧ ସହ ସର୍ବପ୍ରକାର ନୂତନ ଓ ପୁରାତନ ମାଲେରିଆ ଜ୍ୱର, ପ୍ଲିହା ଓ ଯକୃତ ସଂଯୁକ୍ତ ଜ୍ୱର ଓ ଅନ୍ୟ ପ୍ରକାର ଜ୍ୱରର ଅବ୍ୟର୍ଥ ଓ ଆଶୁ ଫଳପ୍ରଦ ମହୌଷଧ । ଏହା କୁଇନାଇନର ଦୋଷ ନଷ୍ଟ କରେ । ଜ୍ୱର ଥିବା ଓ ନ ଥିବା ଉଭୟ କାଳରେ ଏହି ଔଷଧ ସେବନ କରାଯାଏ ।

୧୬ ଗୋଟି ବଟିକା ପରିପୂର୍ଣ୍ଣ ଗୋଟିଏ
କୌଟାର ମୂଲ୍ୟ ଟ ୧।

କଫ ଲୋଜେଞ୍ଜେସ ବା ମିଠାଇ—ଏହା ସର୍ବପ୍ରକାର କଫ ଓ କାଶ ରୋଗର ପ୍ରଧାନ ଔଷଧ।

୧୬ ଗୋଟି ବଟିକାପୂର୍ଣ୍ଣ
ଏକଶିଶିର ମୂଲ୍ୟ ଟ ୦।

ଶ୍ୱାସ ରୋଗର ଔଷଧ—ବହୁକାଳ ଏହି ଔଷଧ କ୍ରମାଗତ ନିୟମିତରୂପେ ବ୍ୟବହାର କଲେ ଶ୍ୱାସରୋଗ ଏକାବେଳେ ଆରୋଗ୍ୟ ହୁଏ ଆଉ ହେବେ ହୁଏ ନାହିଁ ।

ଗୋଟିଏ ଶିଶିର ମୂଲ୍ୟ ଟ ୧ ।

ପର୍ଗେଟିଭ ଫ୍ରୁଟ—ଏହା କୋଷ୍ଠ ପରିଷ୍କାରର ଔଷଧ । ସର୍ବଦା ଅଥବା ବେଳେବେଳେ କୋଷ୍ଠ ପରିଷ୍କାର ନ ହେବା ଓ ଅର୍ଶ ରୋଗରେ ଏହା ପରମ ଉପକାରୀ ଅଟେ । ଅନ୍ୟ ବିରେଚକ ପରି ଏହା ବ୍ୟବହାର ଉତ୍ତାରେ ଦସ୍ତ ବନ୍ଦ ହୁଅଇ ନାହିଁ ।

୧୦ ଗୋଟି ଫ୍ରୁଟ ବା ଫଳପୂର୍ଣ୍ଣ
ଗୋଟିଏ ଟିନ୍‌କୌଟାର ମୂଲ୍ୟ ଟ ୧।

ଉପରଲିଖିତ ଏବଂ ଅନ୍ୟାନ୍ୟ ଔଷଧର ବିସ୍ତାରିତ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କୁ ପ୍ରାର୍ଥନା କଲେ ପ୍ରାପ୍ତ ହେବ ।

ଜେ.କିପାକ୍ସ ଏଣ୍ଡ କମ୍ପାନି
ନଂ ୧୬୭ ମ୍ବର ଧରମତଲା ଷ୍ଟ୍ରିଟ, ନଂ ୧ ମ୍ବର
ନିଉ ମାର୍କେଟ ଏବଂ ନଂ ୪୧ ମ୍ବର
ଶୋଭନରୋଡ କଲିକତା।

---

## ବିଜ୍ଞାପନ ।



ଜାନୁ ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇଅଛି । ବାସ୍ତବରେ ଯେତେ ବଡ଼ ଦୁର୍ଦ୍ଦମ୍ୟ ହଠିଲା ଜାନୁ ହେଉନା କାହିଁକି ଏ ଔଷଧ ତହିଁରେ ଲଗିବା ମାତ୍ର ସଦ୍ୟ ସଦ୍ୟ ମନ୍ତ୍ରଶକ୍ତି ପ୍ରାୟ ରୋଗ ହରଣ କଷ୍ଟରେ ଦୁଇଦିନ ମଧ୍ୟରେ ଦୂରହୁଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ଟ ୦ ୫ ଅଣାମାତ୍ର ।

ଯେତେକାଳର ଯେମନ୍ତ ଜାନୁ ରୋଗ ହୋଇଥାଉ ପଛକେ ବଜାଞ୍ଜାଳା ଯନ୍ତ୍ରଣାରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଜାନୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ଭୂଲୋକରେ ଏପ୍ରକାର ଆଶ୍ଚର୍ଯ୍ୟଜନକ ମହୌଷଧ ଆଉ ଦ୍ୱିତୀୟ ବାହାରି ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରାଜା, ମହାରାଜା, ଜମିଦାର, ହାକିମ ପଣ୍ଡିତଙ୍କଠାରୁ କାଙ୍ଗାଳ ଦୀନହୀନ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ-ଆରୋଗ୍ୟକାରୀ ଉପକାରିତା ଗୁଣରେ ମୋହିତ ହେଉଅଛନ୍ତି । ଶତ ଶତ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଜାନୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦।୵ ଅଣାମାତ୍ର

ଏକଥରେ ତିନି ୩ ବା ଚାରି ଗୋଟି ଡବା ନ ନହିଁଲୁ ଅଧିକ ନେଲେ ବିଶେଷ ସୁବିଧା କରି ଦିଆଯାଏ । ସମସ୍ତେ ଆପଣା ନାମ, ଧାମ ଡାକଘର ଭଲ ଉତ୍ତମରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୬୮।୦୩ ଶ୍ରୀ ଧନନାରାୟଣ ସେନ ।

ହେଡ଼ ଉତ୍କଳପ୍ରେସ, ବାଲେଶ୍ୱର ।

---

## ଫଂନେନ ଫଟିଟୀଯୁଢେ

ଡକ୍ତର ଶରଚ୍ଚନ୍ଦ୍ର କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଶାସ୍ତ୍ରୀୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣବଲିଜାରିତ ସ୍ୱର୍ଣ୍ଣଘଟିତ
ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅହିତ ବାୟୁଜ୍ୱର, କାଶ, ଶ୍ୱାସ, କୃମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗୀଙ୍କର ସବୁ ଶୀଘ୍ର ଜବାହଲ ହୁଏ । ଅତ୍ୟଧିକ ଅଧ୍ୟୟନ ହେତୁ ଅଥବା କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ସମସ୍ତ ପର ସ୍ନାନବଲତା, ସ୍ମରଣଶକ୍ତିର ଅଳ୍ପତା ରକ୍ତର ଜୋରାଭାବ, ଶିରଃପୀଡ଼ା ପ୍ରଭୃତି ଏ ଶିଶୁମାନଙ୍କର ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୷ ।

ଭ ୧ ଭ ୫ ୬୪

### ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ବାର୍ଦ୍ଧକ୍ୟସ୍ତମ୍ଭାଧିକାରକ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ଶୀର୍ଘ୍ୟ ସ୍ଖଳନ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ଅଧିକ ଲେଖା ଅନାବଶ୍ୟକ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

### କଲ୍ପତରୁ ରସମାଧୁରୀ

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମି ) ଯନ୍ତ, ପାରଦଦୋଷଜନିତ ଶରୀରରେ ଦଲା ଓ ଚକା ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନଷ୍ଟପ୍ରାୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ

ଏକ ଶିଶିର ମୂଲ୍ୟ ଟ ୧୷ ମାତ୍ର ।

ଏକବେଳେ ତିନି ଶିଶି ନେଲେ ଟ ୪୧ ବା ଲାଗେ

ଚୌଧୁରୀ ବଜାର } ଶ୍ରୀ ଛକଡ଼ି ହର ଦବଈ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଗତ ନବେମ୍ବର ମାସରେ ହୋଇଥିବା ପ୍ରେମଚାନ୍ଦ ରାୟଚାନ୍ଦ ବୃତ୍ତିର ଫଳାନୁସାରେ କଲିକତା ଲଅ କଲେଜର ବାବୁ ଆଦିତ୍ୟନାଥ ମୁଖୋପାଧ୍ୟାୟ ଏମ,ଏ, ଉକ୍ତ ବୃତ୍ତି ଏବଂ ମଫେଟ ମେଡଲ ପ୍ରାପ୍ତ ହୋଇଅଛନ୍ତି ।

———

ଗତ ତା ୧୬ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗଦ୍ୱାରା ୨୧-୩୦୨ ଲୋକ ମରି ପଡିଥିଲେ । ତହିଁ ପୂର୍ବ ତିନି ସପ୍ତାହର ମୃତ ସଂଖ୍ୟା ହିଁ ୧୭ ହଜାର ମଧ୍ୟରେ ଥିଲା । ବର୍ଣ୍ଣିତ ସପ୍ତାହରେ ବୃଦ୍ଧି ବଙ୍ଗ ଓ ମଧ୍ୟପ୍ରଦେଶରେ ବିଶେଷ ଏବଂ ପଞ୍ଜାବ ହାଇଦରାବାଦ ଓ ମହିଶୂର ରାଜ୍ୟରେ ସାମାନ୍ୟ ଘଟିଅଛି ବମ୍ବେଇରେ କିଛି ଊଣା ପଡିଅଛି ।

———

ଫରିଦପୁର ଜିଲା ଅନ୍ତର୍ଗତ ଧୋରଟାକାଣ୍ଡି ଗ୍ରାମ ନିବାସୀ ବାବୁ ଗିରୀଶଚନ୍ଦ୍ର ଘୋଷ ସେହି ଗ୍ରାମର ଦାତବ୍ୟ ଚିକିତ୍ସାଳୟର ଚିରନିର୍ବାହ ସକାଶେ ଟ ୧୫୦୦୦୯ ଙ୍କାର ସରକାରୀ ପ୍ରମିସରି ନୋଟ ଦାନ କରିଅଛନ୍ତି ଏବଂ ସେହି ଟଙ୍କାର ବାର୍ଷିକ ଆୟଦ୍ୱାରା ଉକ୍ତ ଚିକିତ୍ସାଳୟ ନିର୍ବାହ ହେବାର ଭାର ସେଠାର ଡିଷ୍ଟ୍ରିକ୍ଟବୋର୍ଡ ଗ୍ରହଣ କରିଅଛନ୍ତି । ଏହି ଉତ୍କୃଷ୍ଟ ଦାନ ନିମନ୍ତେ ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ବାହାଦୁର ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

———

ବଙ୍ଗପ୍ରଦେଶର ସରକାରୀ କୃଷିବିଭାଗ କୃଷିମାନଙ୍କର ସୁବିଧା ନିମନ୍ତେ ନାନାପ୍ରକାର ଉତ୍କୃଷ୍ଟ ବିହନ ଓ ମଞ୍ଜି ଯୋଗାଉଥିବାର ପାଠକମାନଙ୍କୁ ଜଣାଅଛି । ମୂଲ୍ୟ ମଧ୍ୟ ସୁଲଭ ଅଟେ । ଯାହାଙ୍କର ଏଥି ବିହନ ପ୍ରୟୋଜନ ହେବ ଏହି ସମୟରେ ପତ୍ର ଲେଖିଲେ ପ୍ରାପ୍ତ ହୋଇପାରିବେ । ଏକକାହାଣର ମୂଲ୍ୟ ଟ ୪୯ ଙ୍କା ଅଟେ, ୧୦ କାହାଣ ମଞ୍ଜି ଏକମାଣ ଜମିକୁ ଯଥେଷ୍ଟ ହେବ । କଲିକତା କୃଷିବିଭାଗର ଡାଇରେକ୍ଟରଙ୍କର ନିକଟକୁ ପତ୍ର ଲେଖିବାକୁ ହେବ ।

—※—

ତିବ୍ବତ ଅଭିଯାନ ଏପର୍ଯ୍ୟନ୍ତ ନିର୍ବିଘ୍ନରେ ଚାଲି ଯାଉଥିବାର ସମ୍ବାଦ ମିଳଇ । ସେନାପତି ମ୍ୟାକଡୋନାଲ୍ଡ ଓ କର୍ଣ୍ଣେଲ ୟଙ୍ଗହସବେଣ୍ଡଙ୍କ ସଙ୍ଗେ ସାକ୍ଷାତ କରିବା କାରଣ ଜ ୮ ଣ ତିବ୍ବତୀୟ ସୈନିକ କର୍ମଚାରୀ ଜ ୬୦୦ ଣ ସିପାହୀଙ୍କ ସଙ୍ଗେ ଆସିଥିଲେ । ସେମାନେ ବନ୍ଧୁକ ଓ ଧନୁ ଧରି ଆସିଥିଲେ ମାତ୍ର ଦୁଇ ମାଇଲ ଥାଉଁ ଭୟରେ ପଳାଇ ଗଲେ । ଇଂରାଜ ଅଭିଯାନର ସମ୍ବାଦଦାତା ସେମାନଙ୍କୁ ଟୋକାଇ ଯାଇଥିଲେ ମାତ୍ର କର୍ମଚାରୀମାନେ ଶୁଦ୍ଧୁଠାରେ ଲୁଚି ରହିଲେ । ଏହା ଶୁଭଲକ୍ଷଣ ଅଟେ ଏବଂ ଅଭିଯାନ ମଙ୍ଗଳ ହେବାର ଆଶା ହେଉଅଛି ।

———

ଗତ ଅପ୍ରେଲ ମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ସମୟ ମଧ୍ୟରେ ଓଡିଶାରୁ କଲିକତାକୁ ରେଳ ଜାହାଜ ନଦୀ ଓ ସଡ଼କଦ୍ୱାରା ମ ୨୬୭୧ ହଣ ଚାଉଳ ରପ୍ତାନି ହୋଇଥିଲା । ଯଥା- କଟକରୁ ମ ୧୧୦୭ ହଣ, ଏବଂ ବାଲେଶ୍ୱରରୁ ମ୧୫୬୪- ହଣ । କଟକର ଅନେକ ଚାଉଳ ବାଲେଶ୍ୱରର ଅନ୍ତର୍ଗତ ଚାନ୍ଦବାଲି ବାଟେ ଜାହାଜରେ ଯାଉଥିବାରୁ ସେ ସବୁ ବାଲେଶ୍ୱର ତଳେ ପଡିଯାଇଥିବାର ସମ୍ଭବ । ନୋହିଲେ କଟକ ଜିଲାର ରପ୍ତାନି ଅଧିକ ହୁଅନ୍ତା । ପୁରୀ ଜିଲାରେ ଚାଉଳ ବିଶେଷ ହୁଅଇ ନାହିଁ ।

———

ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ସର ଫ୍ରେଜର ବାହାଦୁର ଗତ ତା ୨୨ ରିଖଠାରୁ ସଫରରେ ବାହାରି ଅଛନ୍ତି । ସେ ମୁଜଫର, ଦରଭଙ୍ଗା ଏବଂ ମୁରଶିଦାବାଦ, ବରହମପୁର ଖାସ ରେଲ ଗାଡିରେ ଭ୍ରମଣ କରି ଆସନ୍ତା କାଲି କଲିକତାକୁ ପ୍ରତ୍ୟାଗମନ କରିବେ । ଦ ୩ ନ କଲିକତାରେ ରହି ମାନ୍ୟବର ମହୋଦୟ ଜାହାଜରେ ନଦୀବାଟେ ଫେବୃଆରୀ ମାସ ତା ୪ ରିଖରେ ଯାତ୍ରା କରି ନଦିଆ, ଶାନ୍ତିପୁର, ଚନ୍ଦନନଗର, ବାରକପୁର ଓ ଶ୍ରୀରାମପୁର ଭ୍ରମଣ କରି ତା ୮ ରିଖରେ କଲିକତାରେ ପ୍ରତ୍ୟାଗମନ ହେବେ ।

———

ଗତ ବର୍ଷାକାଳ ଅର୍ଥାତ୍ ମଇମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବଙ୍ଗ ପ୍ରଦେଶର ନାନା ବିଭାଗରେ ଯେତେ ବୃଷ୍ଟି ହୋଇଥିଲା ତହିଁର ସରକାରୀ ବିବରଣୀ ପ୍ରକାଶିତ ହୋଇଅଛି । ତହିଁରୁ ଦେଖାଯାଏ ଯେ କେବଳ ଓଡିଶାରେ ପ୍ରାୟ ୪ ଇଞ୍ଚ ଅର୍ଥାତ୍ ଶତକଡା ୭ ଅଧିକା ବୃଷ୍ଟି ହୋଇଥିଲା (ଓଡିଶାର ନିୟମିତ ବୃଷ୍ଟି ପରିମାଣ ୫୪ ଇଞ୍ଚ) ଅନ୍ୟ ସମସ୍ତ ବିଭାଗରେ ଊଣା ଥିଲା । ଯଥା ଉତ୍ତର ଓ ପୂର୍ବ ବଙ୍ଗରେ ଶତକଡା ୪ ଦକ୍ଷିଣ ପଶ୍ଚିମ ବଙ୍ଗରେ ଶତକଡା ୧୦, ବିହାରରେ ଶତକଡା ୨୪ ଏବଂ ଛୋଟନାଗପୁରରେ ଶତକଡା ୧୪ ଊଣା ଥିଲା । ନବେମ୍ବର ମାସର ଅତିବୃଷ୍ଟି ଏହି ଗଣନା ମଧ୍ୟରେ ଆସିଥିଲେ ଓଡିଶାର ଅଙ୍କ ଅବଶ୍ୟ ଅଧିକ ହୋଇଥାନ୍ତା ।

———

ଗତ ଏମ,ଏ, ପରୀକ୍ଷାରେ କେତେଜଣ ପରୀକ୍ଷାର୍ଥୀ ଥିଲେ ଜାଣି ପାରି ନାହୁଁ । ମାତ୍ର ସର୍ବ ସୁଦ୍ଧା ଜ ୭୩ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା ଇଂରାଜୀରେ ୧୪, ସଂସ୍କୃତରେ ୭, ମନୋବିଜ୍ଞାନରେ ୧୯, ଗଣିତରେ ୧୨ ଓ ପଦାର୍ଥବିଦ୍ୟାରେ ୧୨ ଜଣ । କେବଳ ଇଂରାଜୀରେ ୨ ଜଣ ଏବଂ ପଦାର୍ଥବିଦ୍ୟାରେ ୧ଜଣ ପ୍ରଥମ ଶ୍ରେଣୀରେ ସ୍ଥାନ ପାଇଅଛନ୍ତି । ଇତିହାସ ଓ ରସାୟନରେ କେବଳ ଜ ୨ ଣ ଲେଖାଏଁ ତୃତୀୟ ଶ୍ରେଣୀରେ ପାସ କରିଅଛନ୍ତି । ଗତବର୍ଷ ୧୯୦ ଓ ତହିଁ ପୂର୍ବ ବର୍ଷ ୨୦୩ ଛାତ୍ର ମଧ୍ୟରୁ ଯଥାକ୍ରମେ ୭୦ ଓ ୮୪ ପାସ କରିଥିଲେ । ଏ ବର୍ଷର ଫଳ ଗତ ବର୍ଷଠାରୁ କିଛି ଭଲ ହେଲେହେଁ ତହିଁର ପୂର୍ବ ବର୍ଷଠାରୁ ମନ୍ଦ ବୋଲିବାକୁ ହେବ । ସୁତରାଂ କ୍ରମୋନ୍ନତିର ଲକ୍ଷଣ ଦେଖାଯାଉ ନାହିଁ ।

———

ଅଳ୍ପଦିନ ହେଲା କଲିକତାର ପ୍ରଧାନ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଗୋଟିଏ କୌତୁକାବହ ବ୍ୟାପାର ଘଟିଥିଲା । ଏକଜଣ ହାଜତି ଅସାମୀ ନିୟମିତ ଯଥାସ୍ଥାନରେ ହାକିମଙ୍କ ସମ୍ମୁଖରେ ପୁଲିଶ ପହରାରେ ଛିଡ଼ା ହୋଇଥିବା କାଳରେ ଗୋଟାଏ ଗିଲାସ ହାକିମଙ୍କୁ ଲକ୍ଷ କରି ଫୋପାଡିଥିଲା । ଭାଗ୍ୟକ୍ରମେ ତାହା ହାକିମଙ୍କ ବାମପାର୍ଶ୍ୱରେ ଖସିହୋଇ ବାହାରି ଗଲା, କିଛି ଘାତ କରି ପାରିଲା ନାହିଁ । ଏତେ ପହରା ଥାଉଁ ସେ କପରି ଲୁଗା ଭିତରେ ଗିଲାସଟିକୁ ଲୁଚାଇ ଦେଇଥିଲା କିଛି ଜଣା ଗଲା ନାହିଁ । ଏହି ଅଧିକା ଅପରାଧର ବିଚାର ନିମନ୍ତେ ଅସାମୀ ଅନ୍ୟ ହାକିମଙ୍କ ନିକଟକୁ ପ୍ରେରିତ ହୋଇଅଛି । ଏଣିକି ପୁଲିଶ ସାବଧାନ ପୂର୍ବକ ତଲାସି ନେଇ ଅସାମୀମାନଙ୍କୁ ମିସିଲକୁ ନେଉଅଛନ୍ତି ।

———

ଢେଙ୍କାନାଳ ସୁରପ୍ରତାପ ନାମକ ଯନ୍ତ୍ରାଳୟରୁ ପୁରାଣସଂଗ୍ରହ ନାମରେ ଖଣ୍ଡିଏ ମାସିକ ପତ୍ରିକା ପ୍ରକାଶ ହେବାର ଆରମ୍ଭ ହୋଇଅଛି ଏବଂ ତହିଁର ପ୍ରଥମ ସଂଖ୍ୟାରେ ଶ୍ରୀମଦ୍ଭାଗବତର ପ୍ରଥମସ୍କନ୍ଧର ପ୍ରଥମ ଚାରି ଅଧ୍ୟାୟ ଏବଂ ପଞ୍ଚମ ଅଧ୍ୟାୟରୁ କିଛି ମୂଳ ସଂସ୍କୃତ ଉତ୍କଳ ପଦ୍ୟାନୁବାଦ ସହିତ ମୁଦ୍ରିତ ହୋଇଅଛି । ଏ ଗ୍ରନ୍ଥ ଶେଷ ହେଲା ଉତ୍ତାରୁ ଅନ୍ୟାନ୍ୟ ପୁରାଣ ପ୍ରକାଶ

Digitized by srujanika@gmail.com

Split by PDF Splitter



ହେବ ଏବଂ ତହିଁ ପାଇଁ ପୁରୀର ପ୍ରକାଶକ କମ୍ପାନୀ ନାମରେ ଗୋଟିଏ କମ୍ପାନୀ ଗଠିତ ହୋଇଅଛି । ଉତ୍କଳ ଅନୁବାଦ ଜଗନ୍ନାଥ ଦାସଙ୍କ ଭାଗବତ ବୃତ୍ତରେ ରଚିତ ହେଲେହେଁ ତାହାଁ ନୂତନ ରଚନା କରିବାର ଏହି ଅଭିପ୍ରାୟ ବ୍ୟକ୍ତ ହୋଇଅଛି ଯେ ଦାସଙ୍କର ଭାଗବତ ମୂଳ ସଂସ୍କୃତ ଭାଗବତର ଅବିକଳ ଅନୁବାଦ ନୁହେଁ । ଏହାର ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ ଦୁଇ ଟଙ୍କା ଗୃହୀତ ହେବ ଏବଂ ପ୍ରତି ଖଣ୍ଡର ମୂଲ୍ୟ ଗୃହୀତ ହେବ ।

———

ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର ଗତ ଅଧିବେଶନରେ ମାନ୍ଦ୍ରାଜ ଅବିଭାଜ୍ୟ ଜମିଦାରୀ ଆଇନ ପାସ ହୋଇଅଛି । ଏହି ଆଇନର ପାଣ୍ଡୁଲିପି ୨ବର୍ଷ ହେଲା ସଭାର ବିବେଚନାଧୀନରେ ଥିଲା । ପୁରାତନ ଓ ପ୍ରସିଦ୍ଧ ଜମିଦାରୀ ବା ରାଜଗୋମାନ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଖଣ୍ଡ ହୋଇ କ୍ରମେ ଲୋପ ନ ପାଇ ଚିରକାଳ ନିମନ୍ତେ ସଂରକ୍ଷିତ ହେବା ଏହି ଆଇନର ଉଦ୍ଦେଶ୍ୟ ଅଟେ । ଏପରି ଗୋଟିଏ ଆଇନର ନିତାନ୍ତ ପ୍ରୟୋଜନ ହୋଇଥିଲା । ସେ ଅଭାବ ବର୍ତ୍ତମାନ ଘୁଞ୍ଚିଗଲା । ମହାମାନ୍ୟ ଗବର୍ଣ୍ଣର ବାହାଦୁର ଏହି ସଭାରେ ପ୍ରକାଶ କଲେ ଯେ ଏହି ଆଇନ ଏବଂ ଏଥି ପୂର୍ବେ ବିଧିବଦ୍ଧ ହୋଇଥିବା ମାନ୍ଦ୍ରାଜି ଜମିଦାରୀ ସମ୍ବନ୍ଧୀୟ ଆଇନଦ୍ୱାରା ଜମିଦାରମାନଙ୍କର ରକ୍ଷା ଓ ଉନ୍ନତିର ବିଧାନ ହୋଇଅଛି । ଏପରି ପ୍ରଜାସ୍ୱତ୍ୱ ବିଷୟରେ ଗୋଟିଏ ଆଇନର ପାଣ୍ଡୁଲିପି ଶୀଘ୍ର ଆଗତ ହେବ । ତାହାହେଲେ ଏ ବିଷୟରେ ଯେ କିଛି ଅଭାବ ଓ ଅସୁବିଧା ଅଛି ସମସ୍ତ ବିଦୂରିତ ହେବ ।

———

ଗତ ବି,ଏଲ, ପରୀକ୍ଷାର ଫଳ ବାହାରିବାର ଏବଂ ଏଠା ରେଭେନ୍ସା କଲେଜରୁ ପରୀକ୍ଷା ଦେଇଥିବା ଜ ୧୦ ଣ ଛାତ୍ର ସମସ୍ତେ ବିଫଳତାର ଲଭିବାର ଏଥିପୂର୍ବେ ଜଣାଇଅଛୁଁ । କାଲେଜର ସମ୍ବାଦଦାତାଙ୍କଠାରୁ ଅବଗତ ହେଲୁଁ ଯେ ମୋଟ ପରୀକ୍ଷାର୍ଥୀ ୬୬୯ ହୋଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ବିଭାଗରେ ଜ ୪ ଣ ଏବଂ ୨ୟ ବିଭାଗରେ ଜ ୧୫୦ ଣ ଗାଏ ଜ ୧୫୪ ଣ ଅର୍ଥାତ୍ ଏକ ଚତୁର୍ଥାଂଶରୁ କିଛି ଊଣା ପାସ କରିଅଛନ୍ତି । ନାଗପୁରର ମରିସ କଲେଜ ସର୍ବ ପ୍ରଥମ ସ୍ଥାନ ଅଧିକାର କରିଅଛି । ଯଥା, ପ୍ରଥମ ବିଭାଗର ଜ୪ଣ ମଧ୍ୟରୁ ପ୍ରଥମ ଜ ୨ ଣ ସେହି କଲେଜର ଏବଂ ଏକଜଣ ରିପନ କଲେଜର ଛାତ୍ର ଅଟନ୍ତି । ପୁଣି ପାସ କରିଥିବା ୧୫୪ ଛାତ୍ର ମଧ୍ୟରେ ଅନେକରୁ କିଛି ଊଣା ଅର୍ଥାତ୍ ଜ ୬୪ ଣ ଏହା ରିପନ କଲେଜର, ଜ ୨୪ ଣ ମେଟ୍ରପଲଟନ, ଓ ୧୬ଣ ସିଟି କଲେଜର ଛାତ୍ର ଅଟନ୍ତି । ନାଗପୁରର ମରିସ କଲେଜ ମଧ୍ୟ ଉତ୍ତମ ଫଳ ଦେଖାଇଅଛି । କାରଣ ସେହି କଲେଜ ସର୍ବ ପ୍ରଥମ ସ୍ଥାନ ଅଧିକାର କରିଅଛି ଏବଂ ସର୍ବସୁଦ୍ଧା ଜ୧୪ଣ ଛାତ୍ର ପାସ କରାଇବାକୁ ସମର୍ଥ ହୋଇଅଛି । ଓଡ଼ିଶାର ଫଳ ଏତେ ମନ୍ଦ ହେବାର କାରଣ ଏଠା ଶିକ୍ଷକମାନଙ୍କର ଯତ୍ନ ଓ ପରିଶ୍ରମର ଅଭାବ ବିନା ଆଉ କି ହୋଇପାରେ ?

———

ଏଥର ଏ ନଗରରେ ଶ୍ରୀପଞ୍ଚମୀ ପୂଜାରେ ଦ୍ୱିମତ ପଡିଥିଲା । ଏପରି ପୂର୍ବେ କେବେ ଘଟିବାର ଦେଖା ନ ଥିଲା । ବଙ୍ଗଳା ପାଞ୍ଜିରେ ଶୁକ୍ରବାରଦିନ ପଞ୍ଚମୀ ଦ ୬୦ ଶ୍ର ଓ ଶନିବାରକୁ ୪୫ ପଲ ମାତ୍ର ଥିବାରୁ ବଙ୍ଗପ୍ରଦେଶରେ ଶ୍ରୀପଞ୍ଚମୀ ଓ ସରସ୍ୱତୀ ପୂଜା ପ୍ରଶସ୍ତ ହୋଇଥିଲା ଏବଂ ବଙ୍ଗଦେଶୀୟମାନେ ତଦନୁସାରେ କାର୍ଯ୍ୟ କରିଥିଲେ । ମାତ୍ର ଉତ୍କଳର ଚନ୍ଦ୍ରଶେଖର ପାଞ୍ଜିରେ ଯଦ୍ୟପିକ ଶୁକ୍ରବାର ଚତୁର୍ଥୀ ଦ ୩ ଶ୍ର ଏବଂ ଶନିବାର ପଞ୍ଚମୀ ଦ ୧ ଶ୍ରରୁ କିଛି ଅଧିକ ଥିବା ହେତୁ ସର୍ବତ୍ର ଏବଂ ସଜ୍ଜନଙ୍କ ଗଣିତ ପାଞ୍ଜିରେ ଶନିବାର ଶ୍ରୀପଞ୍ଚମୀ ପାଳନ କର୍ତ୍ତବ୍ୟ ବୋଲି ଲେଖାଥିଲା କିନ୍ତୁ ମହାମହୋପାଧ୍ୟାୟଙ୍କର କେଉଁ ବ୍ୟବସ୍ଥାମତେ ଜଣା ନାହିଁ ଶୁକ୍ରବାର ଶ୍ରୀପଞ୍ଚମୀ ହେବାର ଲେଖା ଥିଲା । ଏହିପରି ବଙ୍ଗଳା ଏବଂ ଓଡ଼ିଆ ପାଞ୍ଜିରେ ମତାନ୍ତର ଘଟିଥିଲା ( ତାହା ଘଟିବା ବିଚିତ୍ର ନୁହେ ) ଏଣିକି ନୁହେ ଉତ୍କଳର ମହାମହୋପାଧ୍ୟାୟଙ୍କ ପାଞ୍ଜିରେ ଅନ୍ୟ ଦୁଇ ପାଞ୍ଜିରୁ ମତାନ୍ତର ଘଟିବାରୁ କେତେ ଲୋକ ଶୁକ୍ରବାର ଓ କେତେଲୋକ ଶନିବାର ଶ୍ରୀପଞ୍ଚମୀ କରିଥିଲେ । ଏଠା ସରକାରୀ ସ୍କୁଲର ଉତ୍କଳ ଛାତ୍ରବୃନ୍ଦ ମଧ୍ୟ ଶୁକ୍ରବାର ସରସ୍ୱତୀ ପୂଜା କରିଥିଲେ । ଏଠା ପଣ୍ଡିତମାନଙ୍କ ମତରେ ଶୁକ୍ରବାର ପୂଜା ହେବାର ନ ଥିଲା । କିଛି ନ ବୁଝି କେବଳ ପାଞ୍ଜି ଦେଖି ଭୁଲିବା ଭଲ ହୋଇ ନାହିଁ । ଏଥର କେତେସ୍ଥାନରେ ସରସ୍ୱତୀ ପ୍ରତିମା ହୋଇଥିଲା ଓ ଶନିବାରଦିନ ମେଡିକାଲ ସ୍କୁଲର ପ୍ରତିମା ଅଧିକ ସମାରୋହରେ ବାହାରିଥିଲା ।

—※—

ପ୍ରଜାବନ୍ଧୁରେ ପାଠକଲୁଁ ଯେ "ଗଞ୍ଜାମ ଜିଲ୍ଲାର ରାଜପୁରୁଷମାନେ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଅନୁସାରେ ପ୍ରସ୍ତାବିତ ଦେଶ ମିଶ୍ରଣ ବିଷୟରେ ବର୍ତ୍ତମାନ ପ୍ରଜାସାଧାରଣଙ୍କର ମତ ସଂଗ୍ରହ କରୁଅଛନ୍ତି । ଏହି ମତ ସଂଗ୍ରହ କାର୍ଯ୍ୟ କପରି ଉଦାସୀନ ଭାବରେ ସମ୍ପାଦିତ ହେଉଅଛି ତାହା ଆମ୍ଭେମାନେ କହି ନ ପାରୁଁ । ବର୍ତ୍ତମାନ ଅନେକ ତାଲୁକାର କେତେକ ପ୍ରଜାଙ୍କ ପକ୍ଷରୁ ଅବଗତ ହେଲୁଁ ଯେ ସେମାନେ ପ୍ରସ୍ତାବିତ ଦେଶମିଶ୍ରଣ ବିରୁଦ୍ଧରେ ମତ ପ୍ରକାଶ କରି ବର୍ତ୍ତମାନ ସ୍ୱାକ୍ଷର ପ୍ରତ୍ୟାହାର ଇଚ୍ଛା ପ୍ରକାଶ କରୁଅଛନ୍ତି । ଦେଶମିଶ୍ରଣ ବିଷୟରେ ଆମ୍ଭେମାନେ ପ୍ରାୟ ଦୁଇ ବର୍ଷହେଲା ଲେଖିଆସୁଅଛୁଁ, ଏବଂ ତହିଁର ଉପକାରିତା ସାଧାରଣଙ୍କୁ ବୁଝାଇବା ବିଷୟରେ ଯଥାସମ୍ଭବ ଚେଷ୍ଟା କରୁଅଛୁଁ, ଏପରି ଅବସ୍ଥାରେ ଯେଉଁମାନେ ଅବୋଧ ବାଳକପରି ବାରଂବାର ମତ ପରିବର୍ତ୍ତନ କରୁଅଛନ୍ତି, ସେମାନେ ଆମ୍ଭମାନଙ୍କର ଘୃଣାର ପାତ୍ର ଏବଂ ମନୁଷ୍ୟନାମର ଅଯୋଗ୍ୟ ବୋଲି ବିବେଚନା କରୁଅଛୁଁ । ସୁତରାଂ ସ୍ୱାକ୍ଷର ପ୍ରତ୍ୟାହାର ବିଷୟକ କୌଣସି ପତ୍ର ଆଉ ପ୍ରକାଶ କରିବାକୁ ଆମ୍ଭେମାନେ ଇଚ୍ଛା କରୁନାହୁଁ । ଲକ୍ଷଣରୁ ବୋଧ ହେଉଅଛି ଗଞ୍ଜାମବାସୀ ଓଡ଼ିଆମାନଙ୍କର ଦୁର୍ଦ୍ଦଶା ପରିହାରର ଉପଯୁକ୍ତ ସମୟ ଉପସ୍ଥିତ ହୋଇ ନାହିଁ । ତାହା ହୋଇଥିଲେ ସେମାନେ ସ୍ୱଜାତି ହିତକର ପ୍ରସ୍ତାବର ବିରୁଦ୍ଧବାଦୀ ହୁଅନ୍ତେ ନାହିଁ ।"

ବାସ୍ତବରେ ଅସ୍ଥିର ମତିତ୍ୱ ଯୋଗ୍ୟତା ଓ ଉନ୍ନତିର ଚିହ୍ନ ନୁହେ ତାହା ଦୁର୍ବଳତାର ପ୍ରମାଣ । ସହଯୋଗିଙ୍କର ମନ୍ତବ୍ୟ ଠିକ ସତ ହେଲେହେଁ ସେ ବିରକ୍ତ ହେବାର ଯଥେଷ୍ଟ କାରଣ ଅଛି ।

—※—

ଗତ ତା ୬ ରିଖର ସମ୍ବଲପୁର ହିତୈଷିଣୀର ପ୍ରାପ୍ତ ସ୍ତମ୍ଭରେ ଶ୍ରୀବତ୍ସ ପଣ୍ଡାଙ୍କର 'ପ୍ରଶ୍ନମାହାତ୍ମ୍ୟ ଜାତି ନିର୍ଯାତନ' ନାମରେ ଗୋଟିଏ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ତହିଁର ସଂକ୍ଷେପ ମର୍ମ ଏହି ଯେ ଆଦ୍ୟରେ ଗୁଣକର୍ମାନୁସାରେ ଚାରିବର୍ଣ୍ଣର ସୃଷ୍ଟି ହୋଇଥିଲା । ସେହି ଚାରିବର୍ଣ୍ଣରୁ ଷଟତ୍ରିଂଶତ ଜାତିର ଅବତାରଣା ହୋଇଅଛି ଏବଂ ଏହି କ୍ରମରେ ଚାଲୁଥିଲେ ଚରମରେ ଘରକେ ଜାତିଏ ହେବେ । କେତେବେଳେ ଏଡ଼େ ବସ୍ତୁତ ଜାତିଟା ବ୍ୟକ୍ତିଗତ ସଙ୍କୀର୍ଣ୍ଣତାରୁ ହିତକର । ଅତ୍ୟଧିକ ଜାତିବିଭାଗ ବିବିଧ ଅନିଷ୍ଟର ମୂଳ ଏବଂ ଉନ୍ନତିର କଣ୍ଟକ ଅଟେ । ଲେଖକ ଏଥିର କେତେଗୁଡ଼ିଏ ଉଦାହରଣ ଦେଇଅଛନ୍ତି । ସ୍ଥାନାଭାବରୁ ସେ ସମସ୍ତ ଉଦ୍ଧାର କରିବାକୁ ଅକ୍ଷମ ହେଲୁଁ । 'ହିତୈଷିଣୀର ପାଠକମାନେ ତାହା ଅବଶ୍ୟ ପଢ଼ିଅଛନ୍ତି ଏବଂ ଚିନ୍ତା କରୁଅଛନ୍ତି । ଅନ୍ୟତ୍ର ବିଷୟର ଚିନ୍ତାଶୀଳ ସେ ପ୍ରବନ୍ଧରେ କେହି କିଛି ମନ୍ତବ୍ୟ ପ୍ରକାଶ କଲେ ସୁଖର ବିଷୟ ହେବ । ଉପଯୁକ୍ତ ଲେଖକ

Digitized by srujanika@gmail.com

ସାଧାରଣ ଅଭିପ୍ରାୟଦ୍ୱାରା ନିଜର ଭ୍ରମ ସଂଶୋଧନ ଏବଂ ସାଧାରଣ ମଙ୍ଗଳର ଆଶା କରନ୍ତି । ସେ ଯାହା କହୁଅଛନ୍ତି ତ ବର୍ତ୍ତମାନ ଜାତି ବିଭାଗ କେବଳ ଅନ୍ନଭୋଜନ ଓ ପାଣିଗ୍ରହଣରେ ଆବଦ୍ଧ ରହିଅଛି ଏହା ଅମୂଳକ ନୁହେ ଏବଂ ଏହି ଅବସ୍ଥାପନ୍ନ ଜାତି ବିଭାଗ ଉନ୍ନତିର ଗୋଟିଏ ପ୍ରଧାନ ଅନ୍ତରାୟ ଏଥିରେ ମଧ୍ୟ ସନ୍ଦେହ ନାହିଁ । ଭିନ୍ନ ଜାତିର କଥା ଦୂରେ ଥାଉ ଏକଜାତୀୟ ଲୋକ ମଧ୍ୟରେ ସ୍ଥାନ ଓ ଅବସ୍ଥା ଭେଦରେ ଏତେ ପ୍ରଭେଦ ରହିଅଛି ଯେମନ୍ତ ସେମାନେ ଭିନ୍ନ ଜାତୀୟ ଅଟନ୍ତି । ଏପ୍ରକାର ସାମାଜିକ ଅବସ୍ଥା ଭଗ୍ନ ଶୋଚନୀୟ ଏବଂ ତହିଁର ପ୍ରତୀକାର ବିନା ସାମାଜିକ ଉନ୍ନତିର ଆଶା କରିବା ବାତୁଳତା ବୋଲିବାକୁ ହେବ । ପକ୍ଷାନ୍ତରରେ ଲେଖକ କହିଅଛନ୍ତି କି ପୁରୁଷୋତ୍ତମ କ୍ଷେତ୍ରରେ ଜାତିସ୍ପର୍ଶର ଗୋଟିଏ ଅର୍ଥାତ୍ ଅନ୍ନ ଭୋଜନ ଭେଦ ଛେଦା କଟା ଯାଇଅଛି, ପାଣିଗ୍ରହଣ ରୂପ ଅନ୍ୟ ଭେଦଟା କଟା ଗଲେ ଉକ୍ତ ତୀର୍ଥସ୍ଥାନ ପୂର୍ଣ୍ଣ ବୈକୁଣ୍ଠ ହେବ । ମାତ୍ର ସେ କଥା କେବଳ ଅନ୍ନ ମହାପ୍ରସାଦ ପ୍ରତି ଖଟଇ କିମ୍ବା ଅନ୍ୟାନ୍ୟ ବିଷୟରେ ଅପର କୌଣସି ସ୍ଥାନରୁ ପୃଥକ୍ ନୁହେ । ଫଳତଃ ଆମ୍ଭେମାନେ ଲେଖକଙ୍କ ସହିତ ଏକମତ ହୋଇ କହୁଅଛୁଁ ଯେ ଜାତି ସମ୍ବନ୍ଧୀୟ ବର୍ତ୍ତମାନର ସଙ୍କୀର୍ଣ୍ଣ ଭାବକୁ ଶୀଘ୍ର ଦୂର କରିବା ଏକାନ୍ତ ପ୍ରୟୋଜନ । ଲୋକେ କେତେ ପରିମାଣରେ ତହିଁର ଅନିଷ୍ଟକାରିତା ଅନୁଭବ କରି ଗୋପନରେ ତାହା ଲଙ୍ଘିବାର ଆରମ୍ଭ କରିଅଛନ୍ତି । ମାତ୍ର ତହିଁକି କେବଳ କାଳ ବିଳମ୍ବ ହେଉଅଛି । ତଦପେକ୍ଷା ପ୍ରକାଶରେ ବିଚାର କରି ଉଚିତ ପଥରେ ଚାଲିବା ଭଲ ।

---

## ଉତ୍କଳର ଅମଙ୍ଗଳଚିନ୍ତା ।

ବଙ୍ଗଦେଶର ଶାସନକର୍ତ୍ତାଙ୍କ ଲାଘବ ଏବଂ ଭିନ୍ନ ପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡ ଗଳ୍ୟକୁ ଏକତ୍ର କରିବା ଅଭିପ୍ରାୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଯେ ବିଚାର କରୁଅଛନ୍ତି ସମସ୍ତଙ୍କୁ ଜଣାଅଛି । ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ଏହି କି ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶାନ୍ତର୍ଗତ ଅଳ୍ପ ପରିମାଣ ଉତ୍କଳଭୂମି ଓଡ଼ିଶା ସଙ୍ଗେ ମିଶାଇ ସମସ୍ତ ଉତ୍କଳଖଣ୍ଡକୁ ବଙ୍ଗଶାସନରେ ରକ୍ଷା କରିବା ଏବଂ ବଙ୍ଗର ପୂର୍ବାଞ୍ଚଳସ୍ଥ ଢାକା ମୟମନସିଂହ ଓ ଚଟଗାଁ ବିଭାଗକୁ ବଙ୍ଗଳାରୁ ବାହାର କରିନେଇ ଆସାମ ପ୍ରଦେଶସଙ୍ଗେ ଯୋଗ କରି ଆସାମର ରାଜଧାନୀ ଢାକା ବା ଚଟଗାଁରେ ସ୍ଥାପନ କରିବା ଏବଂ ଛୋଟନାଗପୁରର କେତେକାଂଶ ବଙ୍ଗଳାରୁ ମଧ୍ୟପ୍ରଦେଶକୁ ଛାଡ଼ିଦେବା । ଏହି ଖାରଜ ଦାଖଲ ପ୍ରସ୍ତାବ ସମ୍ବନ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ମତ ଲୋଡ଼ିବାରୁ ମାନ୍ୟବର ବଙ୍ଗେଶ୍ୱର ଜନସାଧାରଣଙ୍କର ମତ ସଂଗ୍ରହ କରି ଜଣାଇବାକୁ ବିଭାଗୀୟ କମିଶନରମାନଙ୍କୁ ପତ୍ର ଲେଖିଅଛନ୍ତି ଏବଂ ତଦନୁସାରେ ଜିଲା ମାଜିଷ୍ଟ୍ରେଟମାନେ ନିଜ ନିଜ ଏଲାକାର ଲୋକଙ୍କ ମତ ସଂଗ୍ରହ କରୁଅଛନ୍ତି । ବଙ୍ଗଳାର ସମ୍ବାଦମାନଙ୍କରୁ ପ୍ରକାଶ ଯେ ଏ ବିଷୟରେ ଘୋର ଆନ୍ଦୋଳନ ଉପସ୍ଥିତ ହୋଇଅଛି ଓ ସ୍ଥାନେ ସ୍ଥାନେ ପ୍ରତିବାଦ ସଭା ହୋଇଅଛି । ଢାକା ଚଟଗାଁ ପ୍ରଭୃତିର ଲୋକମାନେ ଆସାମ ସଙ୍ଗେ ମିଶିବାକୁ ଅଥବା କୌଣସି ମତେ ବଙ୍ଗଳାରୁ ବାହାରିଯିବାକୁ ନିତାନ୍ତ ଅସମ୍ମତ ଥିବାର ଜଣାଯାଏ ଏବଂ ବଙ୍ଗଳାର ଲୋକମାନେ ସେମାନଙ୍କ ସଙ୍ଗ ଛାଡ଼ିବାକୁ ମଧ୍ୟ ସମ୍ମତ ନୁହନ୍ତି । ଛୋଟନାଗପୁରର ଲୋକମାନେ ବଙ୍ଗାଳିଙ୍କପରି ଅଗ୍ରସର ହୋଇ ନାହାନ୍ତି ବୋଲି ହେଉ ଅଥବା ଅନ୍ୟ କାରଣରୁ ହେଉ କେତେ ଆନ୍ଦୋଳନ କରି ନ ପାରିଲେହେଁ ବଙ୍ଗଳାକୁ ଛାଡ଼ିବାର ଅନିଚ୍ଛା ପ୍ରକାଶ କରୁଅଛନ୍ତି । ଅନ୍ତତଃ ସେହି ମର୍ମର କେତେଟା ତାର ସମ୍ବାଦ କଲିକତାର ସମ୍ବାଦପତ୍ରମାନଙ୍କରେ ପ୍ରକାଶ ହୋଇଅଛି । ଉତ୍କଳରେ ଏ ବିଷୟରେ ଏ ପର୍ଯ୍ୟନ୍ତ କିଛି ପ୍ରକାଶ୍ୟ ଆନ୍ଦୋଳନ ହେବାର ଜଣାଯାଇ ନାହିଁ କିମ୍ବା କଲିକତାର କୌଣସି ସମ୍ବାଦପତ୍ରରେ କିଛି ତାର ସମ୍ବାଦ ପ୍ରକାଶ ହୋଇ ନାହିଁ । ବରଂ ଗଞ୍ଜାମ, ସମ୍ବଲପୁର ଓ ଓଡ଼ିଶାର ସମ୍ବାଦପତ୍ରମାନ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ଆନନ୍ଦ ସହିତ ଅନୁମୋଦନ କରିବାର ଦେଖା ଯାଇଅଛି ଏବଂ ଯଦ୍ୟପି ନ ଏକା ଓଡ଼ିଆ ଓ ଜନସମ୍ବାଦର ଇଂଗଲିସରେ ଟିକିଏ ଭିନ୍ନମତ ପ୍ରକାଶିତ ହୋଇଅଛି ତାହା କେତେ ସ୍ପଷ୍ଟ ନୁହେ କେବଳ 'ପ୍ରାର୍ଥନା' ନାମରେ ପୃଷ୍ଠାରେ ଖଣ୍ଡିଏ ପୁସ୍ତିକା ଛପା ହୋଇ ବଣ୍ଟା ହେଉଥିବାର ଯାହା ଅଳ୍ପଦିନ ହେଲା ପାଠକମାନଙ୍କୁ ଜଣାଇ ସାବଧାନପୂର୍ବକ ପାଠ କରିବା କାରଣ ଅନୁରୋଧ କରିଅଛୁଁ ତହିଁରେ ଓଡ଼ିଶା ଗଞ୍ଜାମକୁ ମଧ୍ୟପ୍ରଦେଶ ସଙ୍ଗେ ଯୋଗ କଲେ ଭଲ ହେବ ବୋଲି ସ୍ପଷ୍ଟ ଲେଖାଅଛି । ମାତ୍ର ସେ ପୁସ୍ତିକାର ଲେଖକ ଆପଣାର ନାମ ପ୍ରକାଶ ନ କରି ବେନାମିରେ ପ୍ରବୃତ୍ତ କରିବାଦ୍ୱାରା ଯେମନ୍ତ ଦୁର୍ବଳତାର ପରିଚୟ ଦେଇଅଛନ୍ତି ଓ ତହିଁ ଲିଖିତ ହେତୁମାନ ଯେମନ୍ତ ଦୁର୍ବଳ ଅଟେ ମନୋଯୋଗ ପୂର୍ବକ ପଢ଼ିଲେ ତହିଁରୁ ଏହି ସାର କଥା ବାହାରୁଅଛି ଯେ ଓଡ଼ିଆମାନେ ବଙ୍ଗାଳିଙ୍କ ସଙ୍ଗେ ପ୍ରତିଯୋଗିତାରେ ପାରୁ ନାହାନ୍ତି, ମଧ୍ୟପ୍ରଦେଶ ସଙ୍ଗେ ମିଶିଲେ ସେ ପ୍ରଦେଶର ଲୋକସଂଖ୍ୟା ଅନୁପାତରେ ଓଡ଼ିଆଙ୍କର ବଳ ବହୁତ ଅଧିକ ହେବ ଓ ପ୍ରତିଯୋଗିତାର ଫଳ ବହୁତ ଅଧିକ ହେବ । ଅର୍ଥାତ୍ ଜଣ କେତେ ଅଧିକା ଓଡ଼ିଆ ସରକାରୀ ଚାକିରି ପାଇବେ । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଉକ୍ତ ପୁସ୍ତିକା ଲେଖକ ଏବଂ ତାହାଙ୍କର ପୃଷ୍ଠପୋଷକ ଥିଲେ ସେମାନେ ମରହଟ୍ଟାଙ୍କ ବଳ ଅଟକଳ କରି ପାରି ନାହାନ୍ତି । ମରହଟ୍ଟାମାନେ ବଙ୍ଗାଳିଙ୍କଠାରୁ ବୁଦ୍ଧି ସାହସ ଓ ଶ୍ରମପଟୁତାରେ ଊଣା ନ ହୋଇ ବରଂ ଅଧିକ ଅଟନ୍ତି ଏବଂ ଯଦ୍ୟପି ବି ପାଶ୍ଚାତ୍ୟ ଶିକ୍ଷା ବଙ୍ଗଳାପରି ମଧ୍ୟପ୍ରଦେଶରେ ଏ ପର୍ଯ୍ୟନ୍ତ ପ୍ରଚାର ହୋଇ ନାହିଁ ତହିଁର କାରଣ ବଙ୍ଗଦେଶରେ ଇଂରାଜୀ ଶିକ୍ଷାର ବ୍ୟବସ୍ଥା ଯେଉଁ ସମୟରେ ହୋଇଥିଲା ତହିଁର ଅନେକ ପଛରେ ସେଠାରେ ହୋଇଅଛି । ଯେଉଁ ଓଡ଼ିଆମାନେ କଲିକତାର ଏତେ ନିକଟରେ ରହି ବଙ୍ଗାଳିଙ୍କ ସଙ୍ଗେ ପ୍ରତିଯୋଗିତା କରିବାକୁ ଅକ୍ଷମ ହେଲେ ସେ କେବେ ଏତେ ଦୂର ନାଗପୁରରେ ମରହଟ୍ଟାମାନଙ୍କ ପାରିବେ ବୋଲି ମନେ କରନ୍ତି ଆଶ୍ଚର୍ଯ୍ୟର ବିଷୟ ଅଟେ । ଆଉ ଗଳ୍ୟଟାକ କେବଳ ଗ୍ରନ୍ଥପଥ ଏବଂ ଉତ୍କଳ ପ୍ରଭୃତି ବିଦ୍ୟାର୍ଥୀଙ୍କ ସକାଶେ ? ଲକ୍ଷ ପ୍ରକାର ହିତାହିତ କି ବିଚାର୍ଯ୍ୟ ବିଷୟ ନୁହେଁ ? ତାହାହେଲେ ମଧ୍ୟ ସମ୍ବଲପୁର ଜିଲା ଅଥବା ରାୟପୁର ବିଲାସପୁରରେ କେତେଟା ଗୃହସ୍ଥ ବା [illegible] କଚେରୀମାନ ଅଛି ଏବଂ ତହିଁରେ କେତେ ଲୋକ ପୋଷା ହୋଇ ପାରିବେ ଅଗ୍ରେ ସେ ସମସ୍ତର ଅନୁସନ୍ଧାନ ନେଇ ପଛେ ସେ ଆଶାରେ ମଧ୍ୟପ୍ରଦେଶକୁ ଯିବାର ଇଚ୍ଛା କରିବା ଉଚିତ ନୁହେ କି ? ମଧ୍ୟପ୍ରଦେଶର ଉତ୍କଳଖଣ୍ଡ ଜିଲା ସମ୍ବଲପୁରର ସରକାରୀ ମହକୁମାମାନ ବଙ୍ଗଳାର ଅନ୍ତର୍ଗତ ଖୁଦ୍ଦ ଜିଲା ପୁରୀ ସଙ୍ଗେ ତୁଳନା ସହ ନୁହେ । ପରନ୍ତୁ ବଙ୍ଗର ଶାସନକର୍ତ୍ତା ଅପେକ୍ଷା ମଧ୍ୟପ୍ରଦେଶର ଶାସନକର୍ତ୍ତା ସମ୍ବଲପୁର ସକାଶେ ଅଧିକ କିଛି କରିଅଛନ୍ତି କି ଯାହା ଦେଖି ଓଡ଼ିଶାର ଲୋକମାନେ ବଙ୍ଗଳା ଛାଡ଼ି ମଧ୍ୟପ୍ରଦେଶରେ ଭରତି ହେବାକୁ ଉନ୍ମତ ପଡ଼ିବେ ? ତୁମ୍ଭେ କହିପାର ଯେ ମଧ୍ୟପ୍ରଦେଶରେ ଅଳ୍ପ ଓଡ଼ିଆ ଥିବାରୁ ସେମାନଙ୍କର ଉନ୍ନତି ହୋଇ ପାରୁ ନାହିଁ ମାତ୍ର ଓଡ଼ିଶାର ଲୋକସଂଖ୍ୟା ଅଧିକ ହେଲେ ବଙ୍ଗ ଗବର୍ଣ୍ଣମେଣ୍ଟ ଯାହା କରୁଅଛନ୍ତି ମଧ୍ୟପ୍ରଦେଶ ଗବର୍ଣ୍ଣମେଣ୍ଟ ମଧ୍ୟ ତାହା କରିବେ ଭବିଷ୍ୟତ ଆଶାରେ ବର୍ତ୍ତମାନ ଉନ୍ନତି ତ୍ୟାଗ କରିବା ବୁଦ୍ଧିମାନର କାର୍ଯ୍ୟ ଅଟେ କି ? ବରଂ ଯୁକ୍ତିସଙ୍ଗତ କଥା ଏହି ଯେ କ୍ଷୁଦ୍ର ଉତ୍କଳଖଣ୍ଡକୁ ବୃହତ୍ ରାଜ୍ୟ ସଙ୍ଗେ ମିଶାଇ ତହିଁର ଉନ୍ନତି ସାଧନ କରିବାକୁ ହେବ । ଭାରତ ଗବର୍ଣ୍ଣମେଣ୍ଟ ଏହି ନ୍ୟାୟସଙ୍ଗତ ବିଚାର କରି ବଙ୍ଗର ଅଧୀନ ଓଡ଼ିଶା ସଙ୍ଗେ ଗଞ୍ଜାମ ଓ ସମ୍ବଲପୁରକୁ ମିଶାଇ-

Split by PDF Splitter



ବାର ସଙ୍କଳ୍ପ କରିଅଛନ୍ତି । ଏହି ପ୍ରସ୍ତାବ କେବଳ 'ପ୍ରାର୍ଥନା' ଲେଖକ ଏବଂ ତାହାଙ୍କର ଦଳଭୁକ୍ତ କେତେକ ଲୋକ ସେମାନେ କି ଏପର୍ଯ୍ୟନ୍ତ ନିଜ ନାମ ପ୍ରକାଶ କରିବାକୁ ସାହସୀ ହୋଇ ନାହାନ୍ତି ସେମାନଙ୍କ ଛଡ଼ା ଆଉ ସମସ୍ତେ ଅନୁମୋଦନ କରିଅଛନ୍ତି ଏବଂ ସର୍ବଦାଳରୁ ସେହି ପ୍ରାର୍ଥନା ଗବର୍ଣ୍ଣମେଣ୍ଟରେ କରି ଆସୁଅଛନ୍ତି ତାହା ବୋଲିବା ବାହୁଲ୍ୟ । ଆମ୍ଭେମାନେ ଗତ ୩୦ ବର୍ଷରୁ ଊର୍ଦ୍ଧ୍ୱ କାଳରୁ କ୍ରମାଗତ ସମସ୍ତ ଉତ୍କଳଭାଷୀ ରାଜ୍ୟକୁ ବଙ୍ଗଳା ଗବର୍ଣ୍ଣମେଣ୍ଟର ଅଧୀନରେ ଆଣିବା କାରଣ ପ୍ରାର୍ଥନା କରୁଅଛୁଁ ଏବଂ ଆମ୍ଭମାନଙ୍କର ପୁରାତନ ସହଯୋଗୀମାନେ ଏବଂ ପୂର୍ବତନ ଜମିଦାରପ୍ରଭୃତି ଉଡ଼ିଶାର ପ୍ରଧାନ ବ୍ୟକ୍ତିମାନେ ସେହି କଥା ସମୟେ ସମୟେ କହୁଅଛନ୍ତି । ପୁରାତନ ତଥା ଶତ୍ରୁ ହେଲେ ମଧ୍ୟ ଏଣିକି ବାହାରୁଥିବା ସମ୍ବଲପୁର ହିତୈଷିଣୀ, ପ୍ରଜାବନ୍ଧୁ, ଗଡ଼ଜାତବାସୀ ପ୍ରଭୃତି କୌଣସି ଉତ୍କଳ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବର ସପକ୍ଷ କଥା ବିପକ୍ଷରେ ଏପର୍ଯ୍ୟନ୍ତ କିଛି କହି ନାହାନ୍ତି ଏବଂ ସେ ସମସ୍ତଙ୍କ ଲେଖାରେ ପ୍ରତିବାଦ ନୂତନ ପ୍ରେରକପକ୍ଷ ଦେଖା ଯାଉଥିବାର ମନେ ହେଉ ନାହିଁ । ଏଥିରୁ କି ସ୍ପଷ୍ଟ ଜଣା ଯାଉ ନାହିଁ ଯେ କେତେକ ଲୋକ ମଣି ଗୋପନ ଭାବରେ ଆପଣାର ସ୍ୱାର୍ଥପର ଅଭିପ୍ରାୟ ସାଧନର ଚେଷ୍ଟାରେ ଅଛନ୍ତି । ଆଜ ଏହି ପର୍ଯ୍ୟନ୍ତ । ଆସନ୍ତା ସପ୍ତାହରେ ଅନ୍ୟାନ୍ୟ କଥା ପ୍ରକାଶ କରିବୁଁ । ବିଷୟଟି ଅତ୍ୟନ୍ତ ଗୁରୁତର ଏବଂ ଏଥି ଉପରେ ଉତ୍କଳର ଶୁଭାଶୁଭ ଭବିଷ୍ୟତରୂପେ ନିର୍ଭର କରେ । ଆମ୍ଭମାନଙ୍କର ଏହିକ ଅନୁରୋଧ ଯେ ଆମ୍ଭମାନଙ୍କର ସୁଯୋଗ୍ୟ ବଙ୍ଗୀୟ କମିଶନର କେହି ଜଣ କାହାର ଅପରିପକ୍ୱ କରିଥିବା ରିପୋର୍ଟ ଉପରେ ନିର୍ଭର ନ କରି ଧୀରଭାବରେ ପୂର୍ବାପର କାଗଜପତ୍ରମାନ ଦେଖି ଏବଂ ଭଦ୍ର ଶ୍ରେଣୀର ଲୋକଙ୍କର ମତ ଗ୍ରହଣ ଏବଂ ସକଳ ଦିଗ ବିବେଚନା କରି ଗବର୍ଣ୍ଣମେଣ୍ଟଙ୍କର ପତ୍ରର ଉତ୍ତର ଦେବେ ଯେପରି କି ତାହାଙ୍କଠାରେ ଉତ୍କଳର ସ୍ଥାୟୀ ଅମଙ୍ଗଳର କଳଙ୍କ ଲାଗିବ ନାହିଁ ।

ଏ ପ୍ରବନ୍ଧ ଲେଖାହେଲା ଉତ୍ତାରୁ ଅବଗତ ହେଲୁଁ ଯେ ଓଡ଼ିଶାକୁ ମଧ୍ୟପ୍ରଦେଶ ଅନ୍ତର୍ଗତ କରିବା କାରଣ ଗୁପ୍ତେ ଏ ଆବେଦନ ପତ୍ର ପ୍ରସ୍ତୁତ ଓ ତହିଁରେ ସ୍ୱାକ୍ଷର ସଂଗ୍ରହର ଉଦ୍ୟମ ଲାଗିଅଛି । ସେ ସମ୍ବନ୍ଧରେ ପରାମର୍ଶ କରିବା କାରଣ ଜଣେ ଭଦ୍ରଲୋକ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ନିକଟକୁ ଯାଇଥିଲେ । ଦାସ ମହୋଦୟ ଏଥି ପାଇଁ ଗୋଟିଏ ପ୍ରକାଶ୍ୟ ସଭା କରିବା ଉଚିତ ବୋଲି କହିବାରୁ ସେ ଉତ୍ତର ଦେଲେ କି ପ୍ରକାଶ୍ୟ ସଭା ଡାକି ସ୍ୱାକ୍ଷର କରାଇବା ଉଦ୍ୟମ କାହାଙ୍କର ଉଚିତ ନୁହେ । ତାହାହେଲେ ସ୍ପଷ୍ଟ ଜଣାଯାଉଅଛି ଯେ ସେମାନଙ୍କର ପ୍ରସ୍ତାବରେ ନିଜର ଦୃଢ଼ତା ନାହିଁ ଏବଂ ସେଥିପାଇଁ ଗୋପନରେ ଲୋକଙ୍କୁ ଫୁସୁଲାଇ କାର୍ଯ୍ୟସାଧନର ଚେଷ୍ଟା କରୁଅଛନ୍ତି । ଏ ଅବସ୍ଥାରେ ଲୋକଙ୍କୁ ପୂର୍ବରୁ ସାବଧାନ କରିବା ଏକାନ୍ତ କର୍ତ୍ତବ୍ୟ ବିବେଚନା କରି କଥା ପ୍ରକାଶ କଲୁଁ । ଆଶାକରୁଁ ଲୋକେ ସାବଧାନ ପୂର୍ବକ ହିତାହିତ ବିଚାର କରି କାର୍ଯ୍ୟ କରିବେ ।

---

## ପ୍ରାପ୍ତ

### କରଣ ଜାତିର ଉତ୍ପତ୍ତି ।

କରଣ ଜାତିର ଉତ୍ପତ୍ତି ସମ୍ବନ୍ଧରେ ୧୯୦୩ ମସିହା ଅକ୍ଟୋବର ମାସ ୩୧ ତାରିଖ ଉତ୍କଳଦୀପିକାରେ ଜଣେ ପତ୍ରପ୍ରେରକ ଯାହା ଲେଖିଥିଲେ ତହିଁଉପରେ ଆଜଯାଏ କେହି କିଛି ସାଧାରଣଙ୍କଠାରେ ବ୍ୟକ୍ତ ନ କରିବାର ଦେଖି ମୁଁ ସେ ବିଷୟରେ ଯାହା କିଛି ସଂଗ୍ରହ କରିଅଛି ତାହା ପ୍ରକାଶ କରିବାଦ୍ୱାରା ଆଶା କରେଁ ଯେବେ କେହି କରଣ ଜାତି ବିଷୟକ କିଛି ତଥ୍ୟ ସଂଗ୍ରହ କରୁଥିବେ ତାହା ହେଲେ ଏହାଦ୍ୱାରା ସେ କିଛି ସାହାଯ୍ୟ ପାଇପାରିବେ ।

ରିଜଲି ସାହେବଙ୍କ "ବଙ୍ଗଦେଶର ଜାତି" ନାମକ ପୁସ୍ତକରେ କରଣ ଜାତି ସମ୍ବନ୍ଧେ ଯେଉଁ ବିବରଣ ଲିଖିତ ଅଛି ବଙ୍ଗଳା "ବିଶ୍ୱକୋଷ"ରେ ମଧ୍ୟ ସେହି ବିବରଣ ଦୃଷ୍ଟ ହୁଏ । ରିଜଲି ସାହେବଙ୍କ ପୁସ୍ତକ ୧୮୯୧ ମସିହାରେ ଏବଂ 'ବିଶ୍ୱକୋଷ'ର 'କ' ଖଣ୍ଡ ୧୨୯୯ ସାଲରେ ପ୍ରକାଶିତ ହୋଇଅଛି । ରିଜଲି ସାହେବଙ୍କ ପୁସ୍ତକ ବର୍ତ୍ତମାନ ମୋ ନିକଟରେ ନ ଥିବାରୁ ଦୁହିଁଙ୍କ ମଧ୍ୟରୁ କିଏ ଆଗେ ପ୍ରକାଶିତ ଏବଂ କିଏ କାହାର ମତ ଗ୍ରହଣ କରିଅଛନ୍ତି ତାହା ନିଶ୍ଚୟ କରି କହିପାରୁ ନାହିଁ । ମାତ୍ର 'ବିଶ୍ୱକୋଷ' କର୍ତ୍ତା କାୟସ୍ଥମାନଙ୍କ ସମ୍ବନ୍ଧରେ ନିଜର ଆଲୋଚନା ଶେଷ କରି ଶେଷରେ କରଣମାନଙ୍କୁ କାୟସ୍ଥମାନଙ୍କଠାରୁ ଗୋଟିଏ ସ୍ୱତନ୍ତ୍ର ଓ ନିକୃଷ୍ଟ ଜାତି ବୋଲି ନିର୍ଦ୍ଦେଶ କରିଦେଇଅଛନ୍ତି । କରଣମାନଙ୍କ ସମ୍ବନ୍ଧରେ ସେ ଯେଉଁ ବିବରଣ ଦେଇଅଛନ୍ତି ତାହା ଉକ୍ତ ନାମ ସମ୍ପର୍କରେ ଯେତେ ଅଭ୍ରାନ୍ତ ବୋଲି ସ୍ୱୀକୃତ ହେବାର ଯୋଗ୍ୟ ହେଲେହେଁ କେହି ତତ୍ତ୍ୱଜିଜ୍ଞାସୁ ବ୍ୟକ୍ତି ସାମାନ୍ୟ ଅନୁସନ୍ଧାନ କଲେ ତାହାର ଅଳୀକତା ବୁଝିପାରିବେ । ବିଶ୍ୱକୋଷ ଓ ରିଜଲି ସାହେବଙ୍କ ବିବରଣ ଓଡ଼ିଶା କରଣମାନଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ କୌଣସି ନବାଗତ ବିଦେଶୀୟ ବ୍ୟକ୍ତିଙ୍କଠାରୁ ସଂଗୃହୀତ ହୋଇଥିବାର ବୋଧ ହୁଏ ।

ଉତ୍କଳୀୟ କରଣମାନେ ପ୍ରକୃତରେ କାୟସ୍ଥ ଅଟନ୍ତି । ଏମାନଙ୍କର ନାମାନ୍ତର 'ଶିଷ୍ଟ କରଣ' ଅଟେ । ଏମାନେ ବୈଶ୍ୟକରଣ ବା ବଣିକରଣମାନଙ୍କଠାରୁ ସଂପୂର୍ଣ୍ଣ ପୃଥକ ;

ଶୂଦ୍ରାୟାଂ ବୈଶ୍ୟପୁତ୍ରୋ ଯଃ
ଦ୍ୱିଜଭାର୍ଯ୍ୟାଂ ଜନସୁତଃ ।
କାୟସ୍ଥ ଜାତି ଉଚ୍ୟତେ
ବଣିକ୍ କରଣ ନାମକଃ ॥

(ହିଂନ୍ଦୁ ବାନ୍ତପେସ୍କିଙ୍କ ପ୍ରଣୀତ 'ଉତ୍କଳ ଦୀପିକା'ରେ ଉଦ୍ଧୃତ ପଦ୍ମପୁରାଣ )

ଶୂଦ୍ରାୟାଂ ବୈଶ୍ୟତୋ ଜାତଃ
ଯେ ବଣିକ୍ କରଣାଃ ସ୍ମୃତାଃ ।
ଉସ୍ମାଦେଶାଂ ମଧ୍ୟାନ୍ ଭେଦୋ
କଥିତ ସର୍ବସମ୍ମତଃ ॥

(ଉତ୍କଳଦୀପିକା ଉଦ୍ଧୃତ ଋଷିପଞ୍ଚକର)

କାୟସ୍ଥ ଓ କରଣ ଏକଜାତି ଥିବାର ଶାସ୍ତ୍ରୀୟ ପ୍ରମାଣ ଯଥା ;—

କଚ୍ଛୁପ୍ତା ଚକ୍ରପ୍ରସ୍ଥ କାୟସ୍ଥଂ ସ୍ୱାଂଶପୂରକଂ ।
ଋଷିକାଶ୍ୟପ ସଂସ୍ଥାପ୍ୟ ଯଜ୍ଞବଲ୍ଲ୍ୟର୍ଦ୍ଧବିସ୍ତୃତା ॥
ନେସ୍ୱାମଃ ସ୍ୱରେଣାଂଶେ
କାୟସ୍ଥାତ୍ ଯୋଗବିଭବାତ
ଉତ୍କୃଷ୍ଟ କରଣେ ଧାତୋଃ
କର୍ତ୍ତୃତ୍ୱାତ୍ କରଣାଃ ସ୍ମୃତାଃ ॥
ବଶିଷ୍ଠ ସାତ୍ରକତସ୍ମା
ତେ ଶିଷ୍ଟକରଣା ମତାଃ

( 'ଉତ୍କଳଦୀପିକା' ଉଦ୍ଧୃତ ଋଷିପଞ୍ଚକର )

ଶିଷ୍ଟକରଣମାନେ କାହିଁକି କରଣ ନାମରେ ଅଭିହିତ ତାହା ଉପରୋକ୍ତ ବାକ୍ୟରୁ ସ୍ପଷ୍ଟ ପ୍ରତିପନ୍ନ ହେଉଅଛି । ଏହାର ଅନ୍ତର କାରଣାନ୍ତର ଥିଲା ପରି ବୋଧ ହୁଏ; ଅର୍ଥାତ୍ କାୟସ୍ଥ ବା 'ଶିଷ୍ଟକରଣ'ମାନେ ଚିତ୍ରଗୁପ୍ତଙ୍କର ଅଂଶୋଦ୍ଭବ ଅଟନ୍ତି । ଚିତ୍ରଗୁପ୍ତ ଯମଙ୍କର 'କରଣ' ନାମରେ ଅଭିହିତ ହୁଅନ୍ତି । ଅତଏବ କାୟସ୍ଥମାନେ 'କରଣ' ନାମରେ ଅଭିହିତ ହୋଇଥିବେ ।

ତତ୍‌କ୍ଷଣ ଋଷିଶ୍ରେଷ୍ଠ ଚିତ୍ରଗୁପ୍ତସ୍ତଥୋ ବଭୂଃ ।
ଯମସ୍ୟ କରଣଃ ସୋଽୟଂ ବଦନ୍ତି ତଂ ମନୀଷିଣଃ ।

('ଉତ୍କଳ ଦୀପିକା' ଉଦ୍ଧୃତ ଋଷିପଞ୍ଚକର)

ଉତ୍କଳୀୟ କାୟସ୍ଥମାନେ କାହିଁକି କରଣ ନାମରେ ଅଭିହିତ ତାହାର କାରଣ ଉପରେ ପ୍ରବୃତ୍ତ ହେଲୁ । 'ବଣିକରଣ'ମାନେ ଯେବେ ନିଜ ଆଖ୍ୟାରୁ 'ବଣି' ଶବ୍ଦଟି ପରିତ୍ୟାଗ କରି ନ ଥାନ୍ତେ ତାହା ହେଲେ ଉଭୟ ଜାତିର ପାର୍ଥକ୍ୟ ସମ୍ବନ୍ଧରେ କିଛି ଗୋଳ ନ ଥାନ୍ତା । ମାତ୍ର ସେମାନେ ତାହା ନ କରି ନିଜକୁ ଉଚ୍ଚତର କରଣ ଜାତି ବୋଲି ପରିଚୟ ଦେବା ଉଦ୍ଦେଶ୍ୟରେ ହେଉ ଲମ୍ବା ନାମକୁ ସଂକ୍ଷେପ କରିବା ଉଦ୍ଦେଶ୍ୟରେ ହେଉ କେବଳ 'କରଣ' ଆଖ୍ୟାଟିକୁ ଧାରଣ

Digitized by srujanika@gmail.com

ହଲେ । ସୁତରାଂ 'ଶ୍ରେଷ୍ଠକରଣ' ଓ 'ବଶୀକରଣ' ଉଭୟ ଜାତିର ଯେ ପାର୍ଥକ୍ୟ ତାହା ଲୋକେ ସବ ଜରେ ଜାଣି ନ ପାରି ଏକକୁ ଅନ୍ୟ ବୋଲି ମନେ କରି ଭ୍ରମରେ ପତିତ ହେଲେ ।

ବର୍ତ୍ତମାନ 'ଶ୍ରେଷ୍ଠକରଣ' ଓ 'ବଶୀକରଣ' ଏମାନଙ୍କର ପାର୍ଥକ୍ୟ ଏବଂ ଶ୍ରେଷ୍ଠକରଣ ଓ କାୟସ୍ଥ ଏମାନଙ୍କର ଏକତ୍ୱ ପ୍ରତିପନ୍ନ କରି କାୟସ୍ଥଜାତିର ଆଦିପୁରୁଷ ଚିତ୍ରଗୁପ୍ତଙ୍କର ଉତ୍ପତ୍ତି ସମ୍ବନ୍ଧରେ ଯାହା କିଛି ପୌରାଣିକ ବିବରଣ ପାଉଅଛୁ ତାହା ନିମ୍ନରେ ଉଦ୍ଧୃତ କଲି ;

ଯସଂ ଧ୍ୟାନସ୍ଥିତସ୍ୟାସ୍ୟ ସର୍ବ କାୟାଦ୍ ବିନିର୍ଗତଃ,
ଦିବ୍ୟରୂପଃ ପୁମାନ୍ ହସ୍ତେ ମସୀପାତ୍ରଂ ଚ ଲେଖନୀଂ;
ଚିତ୍ରଗୁପ୍ତ ଇତି ଖ୍ୟାତୋ ଧର୍ମରାଜସମୀପତଃ,
ପ୍ରାଣୀନାଂ ସଦସତ୍କର୍ମ ଲେଖ୍ୟାୟ ସ ନିରୂପିତଃ;
ବ୍ରହ୍ମଣାତୀନ୍ଦ୍ରିୟ ଜ୍ଞାନୀ ଦେବାଗ୍ନ୍ୟାର୍ଯ୍ୟଜ୍ଞଭୁକ୍
ସଦୈ,
ଭୋଜନାଚ୍ଚ ସଦା ତସ୍ମାଦାହୁତିର୍ଦୀୟତେ ଦ୍ୱିଜୈଃ;
ବ୍ରହ୍ମକାୟୋଦ୍ଭବୋ ଯସ୍ମାତ୍ କାୟସ୍ଥୋ ବର୍ଣ୍ଣ
ଉଚ୍ୟତେ ;
ନାନାଗୋତ୍ରାଶ୍ଚ ତଦ୍ବଂଶ୍ୟାଃ କାୟସ୍ଥା ଭୁବି ସନ୍ତି ବୈ
(ଶବ୍ଦକଳ୍ପଦ୍ରୁମ ଉଦ୍ଧୃତ ପଦ୍ମପୁରାଣ ସୃଷ୍ଟିଖଣ୍ଡ)

ଅନ୍ୟଚ—

ତତସ୍ତୁ ବ୍ରହ୍ମଣା ଚୈବ ଯହନ୍ତଂ ତନ୍ନିବୋଧ ମେ,
ଦଶବର୍ଷ ସହସ୍ରାଣି ଦଶବର୍ଷ ଶତାନି ଚ ;
ସମାଧିସ୍ଥସ୍ୟ ଭବତି ପ୍ରାଣାନ୍ ସଂଯମ୍ୟ ଶାନ୍ତମାନସଃ
ତତଃ ସମାହିତମନସୈର୍ଯ୍ୟଦଭୂତଂ ତଦ୍ବଦାମି ତେ
ଜଜ୍ଞିବାନ୍ ମହାବାହୁଃ ଶ୍ୟାମଃ କମଲଲୋଚନଃ
କମ୍ବୁଗ୍ରୀବୋ ଗୂଢଶିରାଃ ପୂର୍ଣ୍ଣଚନ୍ଦ୍ରନିଭାନନଃ,
ଲେଖନୀ ଛେଦନୀ ହସ୍ତୋ ମସୀପାତ୍ରସଂଯୁତଃ,
ନିଃସୃତ୍ୟ ଦର୍ଶନେ ତସ୍ମୈ ବ୍ରହ୍ମଣୋଽବ୍ୟକ୍ତ
ଜନ୍ମନଃ
ଉତ୍ତମଃ ସୁବହିତାଙ୍ଗୋ ଧ୍ୟାନସ୍ତିମିତଲୋଚନଃ ।

* * * *

ନାମଧେୟଂ ହି ମେ ତାତ ବକ୍ତୁମର୍ହସ୍ୟତଃପରଂ
ଯଥୋଚିତଂ ଚ ସତ୍କାର୍ଯ୍ୟଂ ତତ୍ତ୍ୱଂ ନାମକୃତାସ୍ପଦ
ଇତ୍ୟାକର୍ଣ୍ଣ୍ୟ ତତୋ ବ୍ରହ୍ମା ପ୍ରହୃଷ୍ଟଂ ସ୍ୱଶରୀରଜଂ;
ପ୍ରହସ୍ୟ ପ୍ରତ୍ୟୁବାଚେଦମାନନ୍ଦଭରିତଃ ପୁନଃ ।
ସ୍ଥିରଚିତ୍ତଂ ସମାଧାୟ ଧ୍ୟାନସ୍ଥମଭିନନ୍ଦନଂ
ମଚ୍ଛରୀରାତ୍ ସମୁଦ୍ଭୂତ ତସ୍ମାତ୍ କାୟସ୍ଥସଂଜ୍ଞିତଃ ।
ଚିତ୍ରଗୁପ୍ତେତି ନାମ୍ନାପି ଖ୍ୟାତୋ ଭୁବି ଭବିଷ୍ୟସି
ଧର୍ମାଧର୍ମବିବେକାର୍ଥଂ ଧର୍ମରାଜପୁରେ ସଦା ।
ସ୍ଥିତିର୍ଭବତୁ ତେ ବତ୍ସ ମମାଜ୍ଞାଂ ପ୍ରାପ୍ୟ ନିଶ୍ଚଳାଂ
କ୍ଷତ୍ରବର୍ଣ୍ଣୋଚିତୋ ଧର୍ମଃ ପାଳନୀୟୋ ଯଥାବିଧି ।
ପ୍ରଜା ସୃଜସ୍ୱ ଭୋଃ ପୁତ୍ର ଭୁବି ଭାର ସମନ୍ୱିତାଃ
ଇତ୍ୟୁକ୍ତ୍ୱା ବରଂ ବ୍ରହ୍ମା ତତ୍ରୈବାନ୍ତରଧୀୟତ
( ଶବ୍ଦକଳ୍ପଦ୍ରୁମ ଉଦ୍ଧୃତ ଭବିଷ୍ୟପୁରାଣ )

କରଣ ଜାତିର ପରିଚୟ ଓ ଉତ୍ପତ୍ତି ସମ୍ବନ୍ଧରେ ଏତିକି । ଏ ବିଷୟରେ ଆଉ କେତୋଟି କାର୍ଯ୍ୟ ହସ୍ତଗତ ହୋଇଥିଲା, ମାତ୍ର ତାଲେ ତାହା ସ୍ଥାନାଭାବରୁ ବର୍ଜିତ ହେବ ଏହି ହେତୁ ଦେବାକୁ ସଙ୍କୁଚିତ ହେଲି । ଏ ପଛେ କରଣ ମାନଙ୍କର ବିବାହ ସଂସ୍କାରାଦି ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରିବାର ଇଚ୍ଛା ରହିଲା ।

ମଧୁପୁର ଗଡ଼
୧୯—୧—୦୪ } ଶ୍ରୀ ପାଟେଶ୍ୱର ମହାନ୍ତି

# ସାପ୍ତାହିକ ସଂବାଦ ।

## କଲିକତା-ଗେଜେଟ

ଡେପୁଟୀ ମାଜେଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ଗଙ୍ଗାଚରଣ ଦାସ ୬ମ ଗ୍ରେଡ ; କହିବାର ନିମନ୍ତେ ଛୁଟି ପ୍ରାପ୍ତ ହେଲେ ।

ଡେ: ମାଜେଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ସନାତନ ଦାସ ଓ ବାବୁ ବସନ୍ତ ଦାସ ୭ମ ଗ୍ରେଡରେ ବାହାଲ ହେଲେ ।

ବାବୁ ଗୋବିନ୍ଦଚନ୍ଦ୍ର ଦାସ ୫ମ ଗ୍ରେଡର ସବ୍‌ଡେପୁଟୀ କଲେକ୍ଟର ପଦରେ ସ୍ଥାୟୀ ହୋଇ ଓଡ଼ିଶା ବିଭାଗରେ ଅବସ୍ଥାପିତ ହେଲେ ।

ଓଡ଼ିଶା ବିଭାଗର ସବ୍‌ଡେ: କଲେକ୍ଟର ବାବୁ ଦ୍ୱାରକାନାଥ ବାଲେଶ୍ୱର ଜିଲାର ଭଦ୍ରକ ସବ୍‌ଡିଭିଜନରେ ଅବସ୍ଥାପିତ ହେଲେ ଓ ୧୮୯୮ ସାଲର ଅ ୧୦ ଋଣ ମୋକଦ୍ଦମା ବିଗର କରିବା ନିମନ୍ତେ ଡେପୁଟୀ କଲେକ୍ଟରର କ୍ଷମତା ପ୍ରାପ୍ତ ହେଲେ ।

ଜିଲାସ୍କୁଲର ଅସିଷ୍ଟାଣ୍ଟ ମାଷ୍ଟର ବାବୁ ପ୍ରକାଶଚନ୍ଦ୍ର ମଜୁମଦାର ଏମ୍ ଏ, ଶ୍ୟାମାପ୍ରସାଦ ବାବୁ ଅଭୟଚରଣ ଘୋଷଙ୍କ ପରିବର୍ତ୍ତରେ ରେ କଲେଜିଏଟ୍ ସ୍କୁଲର ସଂସ୍କୃତ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

କଟକ ଟ୍ରେନିଂ ସ୍କୁଲମାନଙ୍କ ବାର୍ଷିକ ସର୍ବେ ପରୀକ୍ଷା ଆଗାମୀ ଫେବ୍ରୁଆରୀ ତା ୨୨ ରିଖଠାରୁ ତା ୨୫ ରିଖ ପର୍ଯ୍ୟନ୍ତ ଗୃହୀତ ହେବ ।

———

ଏ ସପ୍ତାହରେ ଅକାଶ ପରିଷ୍କାର । ଶୀତ କମନ୍ତି କହି ଅଛି ଏବଂ ଶୀତ ବିଶେଷ ତିଷ୍ଠ ନାହିଁ । ରୋଗ ମଧ୍ୟ ଅଧିକ ହୋଇ ନାହିଁ ।

ବସନ୍ତସମାଗମରେ ଜ୍ୱର ଓ ସଇତିକ ସାମାନ୍ୟ ପ୍ରକୋପ ଛଡ଼ା ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ଅବ ବହୁତ ସ୍ତରର ପଡ଼ମାନରେ ହୋଇଅଛି ।

ଅସ୍ମାନଙ୍କର କମିଶନ ସାହେବ ଲର୍ଡଙ୍କ ସଙ୍ଗେ ୧ ଜଗତରୁ ଗତ ମଙ୍ଗଳବାର ଫେରି ଅଛନ୍ତି ।

ଗତ ସୋମବାରଠାରୁ ଏଠା କର ଅଦାଲତରେ ଦଫର ମିଶଲ କରିଅଛି ।

ଦକ୍ଷିଣ ମହାରାଷ୍ଟ୍ରୀୟ ଜାତି ବିରାଗରୁ ନୌକା ନଷ୍ଟ ହୋଇଥିବାର ସମ୍ବାଦ ମିଳଇ । ଏପର୍ଯ୍ୟନ୍ତ ତହିଁର ଠିକଣ ମିଳ ନାହିଁ ।

ଦକ୍ଷିଣ ଅଫ୍ରିକା କ୍ଲୁମଫଣ୍ଟେନ ଠାରେ ପ୍ରବଳ ଜଳବୃଷ୍ଟି ଉପସ୍ଥିତ ହୋଇ ସ୍ଥାନକୁ ଅନେକ ସମ ନଷ୍ଟ କରିଯାଇ ଥିବାର ସମ୍ବାଦ ମିଳଇ । ଶତ ଶତ ଲୋକ ଗୃହହୀନ ହୋଇ ଅଛନ୍ତି ଏବଂ ୬୦ ଜଣ ବୁଡ଼ି ମରିଅଛନ୍ତି । ବୁଡ଼ିମରିବା ଲୋକଙ୍କ ମଧ୍ୟରୁ ୨୫ ଜଣଙ୍କ ମୃତଦେହ ମିଳିଅଛି । ଅସଂଖ୍ୟ ଲୋକ ସମ୍ପତ୍ତି ନଷ୍ଟ ହୋଇଅଛି ସେଠା ଲୋକଙ୍କ ପ୍ରତି ସହାନୁଭୂତି ଦେଖାଇ ପତ୍ର ଲେଖି ଅଛନ୍ତି ।

ଉଦୟପୁର ମହାରାଜାଙ୍କ କନ୍ୟାଙ୍କ ସଙ୍ଗେ କୃଷ୍ଣଗଡ଼ ମହାରାଜାଙ୍କ ବିବାହ ହେବାର ସ୍ଥିର ହୋଇଥିବାରୁ ଉଦୟପୁରଠାରେ ଆଗାମୀ ଫେବ୍ରୁଆରୀ ତା ୯ ରିଖଠାରୁ ତା ୧୩ ରିଖ ପର୍ଯ୍ୟନ୍ତ ମହୋତ୍ସବ କରିବାର ଉଦ୍‌ଯୋଗ ହେଉଅଛି । ନାନାସ୍ଥାନରୁ ଇଂରେଜ ଓ ଦେଶୀୟ ଭଦ୍ରଲୋକ ନିମନ୍ତ୍ରିତ ହୋଇ ସେଠାରେ ସମବେତ ହେବେ ।

ଜାପାନ ବାଟରେ ଅଦ୍ୟାବଧି କାଳପବୃଷ୍ଟି ବନ୍ଦ ହୋଇ ନାହିଁ । ବହୁଦୂର ବିସ୍ତୃତ ସ୍ଥାନମାନ ଜଳପ୍ଲାବନ ଏପରି ଆବୃତ ହୋଇ ଯାଇଅଛି ଯେ ଗତ ୨୫ ଦିନରେ ସେପରି ଦେଖା ଯାଇ ନ ଥିଲା ।

ଚୀନର ସମ୍ବାଦଦାତାଙ୍କୁ ଜଣାଯାଏ ଯେ ଦେଶିନଠାରେ ଭୂମିକମ୍ପ ଉପସ୍ଥିତ ହୋଇ ଗୋ ୬୧ ଟି ସହର ବିଧ୍ୱସ୍ତ ହୋଇଅଛି । ଅନେକ ଲୋକର ସମ୍ପତ୍ତି ନଷ୍ଟ ହୋଇଅଛି ମାତ୍ର କୌଣସି ଲୋକ ନଷ୍ଟ ହୋଇ ନାହିଁ ।

ଆସନ୍ତା ତା ୧୩ ରିଖ ଶୁକ୍ରବାର ଅପରାହ୍ଣ ସାଢ଼େ ତିନି ଘଣ୍ଟା ବେଳେ ସ୍ଥାନୀୟ ଟାଉନହଲ ଗୃହରେ ବଙ୍ଗଦେଶୀୟ ଲୁପ୍ତ ଭାରତୀୟ ସଭା ହେବ । ମହାମାନ୍ୟ ଲାଟ ମହୋଦୟ ସ୍ୱୟଂରେ ବିଭାଗମାନ ଏବଂ ସ୍ୱୟଂ ବକ୍ତୃତା ପାଠ କରିବେ ।

ସାଇବେରିଆର ଚିତାରେ ସହରରେ ଗୋଟିଏ କୋଠାର ମହଲ ସବୁ ପୋଡ଼ିଯିବାର ସମ୍ବାଦ ଅସିଅଛି । ତହିଁର ଗୃହରକ୍ଷୀ ଲୋକ ବାସ କରୁଥିଲେ ଏବଂ ସେମାନଙ୍କର ଅଧିକାଂଶ ପ୍ରାଣ ଓ ଦଗ୍ଧ ହୋଇ ଥିଲେ । ୬୦ ଜଣ ପୋଡ଼ି ଯାଇ ଥିଲେ । ୨୦ ମହଲ ସବୁ ଓ ତହିଁରେ ୪୦୦ ଲୋକ ରହିବାର ସ୍ଥାନ ଏ ସବୁଟି କେବଳ କାଠ ନିର୍ମିତ ଥିଲା ।

ବମ୍ବେର ଏକ ଟାଇମ୍ସଂବାଦରୁ ପ୍ରକାଶ ଯେ କଲିକତାର କଲେଜମାନଙ୍କର ସମ୍ପୂର୍ଣ୍ଣରୂପେ ପୋଡ଼ିଯାଇଅଛି ଏବଂ ତହିଁର ଛାତ୍ରମାନେ ବାରଣ୍ଡାର ଉପରେ ପଢ଼ିଅଛନ୍ତି । ଏହି ଶୀତକାଳରେ ନିରାଶ୍ରୟ ହୋଇ ସେମାନେ କେତେ କଷ୍ଟ ପାଉଅଛନ୍ତି । ସାଂଘେ ବଡ଼ା ଏବା ବେଳେ ଚାଳ ଓ କୌଣସି ପୋଡ଼ି ଯାଇଅଛି ।

Split by PDF Splitter

Digitized by srujanika@gmail.com

## ଯାଜପୁର-ସଂବାଦ ।

ଶୀତ କ୍ରମଶଃ କମ ହେଉଅଛି ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ଅଛି ।

ଏଠା ସବଡେପୁଟିକଲେକ୍ଟର ଶ୍ରୀଯୁକ୍ତ ବାବୁ ନବକିଶୋର ଦାସ ତନଜାଙ୍କର ଛୁଟୀ ନେଇଥିବାରୁ ତାଙ୍କ ସ୍ଥାନରେ କଟକ କଲେକ୍ଟରୀ ଅଫିସର ଏକ୍ସ୍ଟ୍ରାସିଷ୍ଟ ବାବୁ ଜ୍ୟୋତିଷଚନ୍ଦ୍ର ବସୁ ଚୌଧୁରୀ ଏକଟିଂ ସବଡେପୁଟିକଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

ଏବର୍ଷ ଏଠା ମାଇନର ସ୍କୁଲର ତିନି ଜଣ ଛାତ୍ର ବୃତ୍ତି ପରୀକ୍ଷାରେ ପାଶ ହୋଇଥିବାରୁ ପ୍ରବେଶିକା ଶିକ୍ଷା ଦେବା ନିମନ୍ତେ ଶିକ୍ଷକ ମନୋଯୋଗ ହୋଇଅଛନ୍ତି ।

ଅନ୍ୟାନ୍ୟ ବର୍ଷଠାରୁ ଏବର୍ଷ ଧାନ ଓ ଚାଉଳର ଦର କ୍ରମଶଃ ସସ୍ତା ହୋଇଅଛି ମୋଟ ଚାଉଳ ଟି ଟଙ୍କାରେ ୧୬ ସେର ଓ ସରୁ ୧୪ ସେର ଧାନ ଟଙ୍କା ୩ ସେର ଯଜପୁରୀରେ ୧୭ ଶ୍ରେଣୀ ବିକ୍ରୟ ହେଉଅଛି ମାତ୍ର ଦୁଗ୍ଧ ଟଙ୍କାକେ ୧୧ ସେର ଓ ଘିଅ ୧ ସେର ଲୁଖାଏ ବିକ୍ରୟ ହେଉଅଛି ।

ଏଠା ଜଗନ୍ନାଥ ମନ୍ଦିରରେ ଏକଜଣ ବାବାଜୀ ବାସ କରନ୍ତି ସେ ଗତ ବର୍ଷ ଶ୍ରୀପଞ୍ଚମୀ ଦିନରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ରଙ୍କୁ କୃଷ୍ଣବଳରାମ ବେଶରେ ସଜ୍ଜିତ କରିଥିଲେ ଏବର୍ଷ ଶ୍ରୀପଞ୍ଚମୀ ଦିନରେ ମଧ୍ୟ ଉକ୍ତ ବେଶରେ ଜଗନ୍ନାଥ ଓ ବଳଭଦ୍ର ସଜ୍ଜିତ ହୋଇଥିବାରୁ ଗତବର୍ଷଠାରୁ ଏବର୍ଷ ଅନେକ ଯାତ୍ରୀ ଉକ୍ତ ବେଶ ଦର୍ଶନାର୍ଥେ ଆସିଥିଲେ ।

ଏଠାର ଗ୍ରାମଦେବୀ ଠାକୁରାଣୀଙ୍କର ମଠ ଓ କ୍ଷେତ୍ରଅଙ୍କ ପକ୍ଷେ ସେବାଇତମାନେ ନଷ୍ଟ କରୁଥିବା ଓ ସେମାନଙ୍କ ସ୍ୱାର୍ଥ ଲାଗି ବୃଦ୍ଧି ଦେଖିବା ତ୍ରୁଟି ଇତ୍ୟାଦି ପ୍ରକାଶ କରୁଅଛୁ ମାତ୍ର ଏଠାର ସ୍ଥାୟୀ ଲୋକଙ୍କର ଅଶେଷ ଧୈର୍ଯ୍ୟ ଦୃଷ୍ଟି ପଡ଼ି ନ ଥିବାରୁ ଠାକୁରାଣୀଙ୍କର ଦୁର୍ଦ୍ଦଶା ଦିନକୁଦିନ ବୃଦ୍ଧି ହେଉଅଛି ।

### ବଜାର ଦର ।

| | | |
|---|---|---|
| ଚାଉଳ ମୋଟ | ଟଙ୍କାକୁ | ସେ ୧୬ |
| ଏଡେ ସରୁ | ,, | ସେ ୧୨ |
| ଭଜାମୁଗ | ,, | ସେ ୧୨ |
| ଖଡାମୁଗ | ,, | ସେ ୧୩ |
| ହରଡ | ,, | ସେ ୧୫ |
| ବୁଟ | ,, | ସେ ୧୦ |
| ବିରି | ,, | ସେ ୧୪ |
| କୋଳଥ | ,, | ସେ ୨୨ |
| କେସରୀ | ,, | ସେ ୧୨ |
| ଗହମ ସରସର | ,, | ସେ ୧୨ |
| ଜଡ଼ା | ,, | ସେ ୯ |
| ଲୁଣ | ,, | ସେ ୮ |
| ସୋରିଷ | ,, | ସେ ୭ |
| ତେଲ ମୋଟ | ,, | ସେ ୩ |
| ଘୋଡ଼ିଷ | ,, | ସେ ୨ |
| ଗୋଲମରିଚ | ,, | ସେ ୪ |
| କିରୋସିନ ତେଲ ଏକ ଟିନ | ଟ ୨ | |
| ଚେଣାସିଝା ମହଣ | ଟ ୪୨ | |
| ଗୁଡ | ,, | ସେ ୭ |
| ନବାତ | ,, | ସେ ୩ |
| ଚଣ | ,, | ସେ ୪ |
| ସୁଅ | ,, | ସେ ୭ |
| ଜିର | ,, | ସେ ୨ |
| ହଳଦ | ,, | ସେ ୨ |
| ଲଙ୍କାମରିଚ | ,, | ସେ ୨ |
| ଶୋଠ | | ସେ ୮ |
| ଗୁଣ୍ଡ | | ସେ ୪ |
| ଶତଲମ୍ବା ଛଡି | ଟ ୨୫ | |
| ଠଣ୍ଡାସୁନା ଛଡି | ଟ ୨୪୩ | |
| ରୁପା କୁ ୧୦୦ ତିରୁ | ଟ ୬୫ | |
| ବଂସ ସେର | ଟ ୨ | |
| ତେଲ ସେର | ଟ ୨। | |
| କଂସା ସେରକୁ | ଟ ।୧୭ | |
| କଣ୍ଟାନ କାଗଜ ସଉକଡ଼ା ଟ ୩ ସୁଦ | ଟ ୧୮୩ | |

### ପତ୍ରପ୍ରେରକଙ୍କ ପ୍ରତି

ଶ୍ରୀଗୌରଧର ପଟ୍ଟନାୟକ—କେଶ ଭରଙ୍ଗିପୁରର ଡାକ୍ତର ବାବୁ ଶ୍ୟାମସୁନ୍ଦର ସିଂହ ଉକ୍ତ ଗଡ଼ର ଭଦ୍ରଲୋକମାନଙ୍କୁ ଗୋଟିଏ ବଣଭୋଜି ଦେଇଥିବା ଏବଂ ସମସ୍ତ ଚର୍ଚ୍ଚା ଭିତ୍ତିମ ହୋଇଥିବାର ଲେଖିଅଛନ୍ତି ।

ଶ୍ରୀବଂଶୀଧର ପଟ୍ଟନାୟକ— ନରସିଂହପୁର ଗଡ଼ର ପୂର୍ବ ମା ୬ ଇଲ ଦୂରରେ ବାଣିସ୍ୟାଲୁଡ଼ ନାମରେ ଗୋଟିଏ ପର୍ବତରେ ବାଣେଶ୍ୱର ମହାଦେବ ବିଗ୍ରହମାନ ଅଛନ୍ତି । ସେଠାରେ ପ୍ରତିବର୍ଷ ମକରସଂକ୍ରାନ୍ତି ଦିନ ଗୋଟିଏ ଯାତ୍ରା ହୁଅଇ । ସେ ଯାତ୍ରାର ନାମ ବାଣିସ୍ୟାଲୁଡ଼ା ଯାତ୍ରା । ଗତ ଯାତ୍ରାରେ ପ୍ରାୟ ଦଶହଜାର ଲୋକ ହୋଇଥିଲେ ଏବଂ ନାନା ଦ୍ରବ୍ୟର ଦୋକାନ ବସିଥିଲେହେଁ ସେ ସମସ୍ତ ଶୀଘ୍ର ଖାଲି ହୋଇ ଗଲା ଓ କେତେକ ଲୋକ ପ୍ରୟୋଜନୀୟ ଦ୍ରବ୍ୟ ନ ପାଇ ପଇସା ଫେରାଇ ନେଇଗଲେ ।

ଶ୍ରୀଜୟକୃଷ୍ଣ ମିଶ୍ର କାବ୍ୟତୀର୍ଥ-ଉତ୍କଳସମ୍ମିଳନୀର ସୁଯୋଗରେ କଟକକୁ ଆସି ଶ୍ରୀବାବୁ ଗୋପାଳଚନ୍ଦ୍ର ପ୍ରହରାଜଙ୍କଠାରୁ ତାହାଙ୍କର ଅମୂଲ୍ୟରେ ରଚିତ "ନିତ୍ୟଧର୍ମ୍ମ ପଦ୍ଧତି" ଓ "ଆୟୁର୍ବେଦ ପ୍ରବେଶିକା" ଏହି ଦୁଇପୁସ୍ତକର ୧ମ ଓ ୨ୟ ଭାଗରୁ ଏକ ୨ ଖଣ୍ଡ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରି ତାହାଙ୍କୁ ଆଶୀର୍ବାଦ କରୁଅଛନ୍ତି ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ହରିହର ସାହୁ | ଅଠଗଡ଼ | ଟ ୩ |
| ,, ହରେକୃଷ୍ଣ ନାୟକ | ବିଦ୍ୟୁତ | ଟ ୩ |
| ,, ବୈକୁଣ୍ଠନାଥ ସାମନ୍ତ | ଚନ୍ଦକା | ଟ ୩ |
| ,, ପଣ୍ଡିତ ମହାନ୍ତି | କଦଳୀବଣା | ଟ ୩ |
| ,, ମାଧବ ମହାନ୍ତି ମ ଚାର | କେନ୍ଦୁପଡ଼ା | ଟ ୩ |
| ସାମନ୍ତ ଜଗନ୍ନାଥ ଦାସ ସ୍କୁଲ ପୋ: ଓ: ଚାଃ | | ଟ ୩ |
| ବାବୁ ନେଷ୍ଟାନନ୍ଦ ଦାସ ଡକ୍ଟର ମାର୍କେଟ | | ଟ ୩ |
| ,, ଗୋପୀନାଥ ମିଶ୍ର ସଜାମ ଅଠମଲ୍ଲିକ | | ଟ ୩ |


## ବିଜ୍ଞାପନ ।

### ଭିକ୍ଟୋରିଆ ଦନ୍ତମଞ୍ଜନ ।



ଯେତେପ୍ରକାର ଦନ୍ତମଞ୍ଜନ ବଜାରରେ ବିକ୍ରୟ ହେଉଅଛି ସେମାନଙ୍କ ମଧ୍ୟରେ ଭିକ୍ଟୋରିଆ ଦନ୍ତମଞ୍ଜନ ସର୍ବାପେକ୍ଷା ଶ୍ରେଷ୍ଠ । ତାହାର ବିଶେଷ କାରଣ ମଧ୍ୟ ଅଛି ଆୟୁର୍ବେଦ ଓ ଇଂରାଜୀ ଚିକିତ୍ସା ଶାସ୍ତ୍ରରେ ଦାନ୍ତର ଉପକାରୀ ଯେତେ ପ୍ରକାର ଔଷଧ ଅଛି ସେହି ସମସ୍ତଙ୍କୁ ବିଶେଷ ପରୀକ୍ଷା କରି ଆମ୍ଭେମାନେ ଏହି ପରମ ଉପକାରୀ ଦନ୍ତମଞ୍ଜନ ପ୍ରସ୍ତୁତ କରିଅଛୁଁ, ଏହା ବ୍ୟବହାର କଲେ ଦାନ୍ତ ପରିଷ୍କୃତ ହୋଇ ଦାନ୍ତର ମୂଳ ବିଶେଷ ଶକ୍ତହୁଏ, କୌଣସି ପ୍ରକାରେ ଅକାଳେ ଦାନ୍ତ ପଡ଼ିବାର ସମ୍ଭାବନା ରହିବ ନାହିଁ, ଦାନ୍ତମାନଙ୍କୁ ଭିତ୍ତି ପୂଜାଦି ପଡ଼ିବାର ସମ୍ପୂର୍ଣ୍ଣରୂପେ ନିବାରଣ କରିଥାଏ । ମୁଖର ଦୁର୍ଗନ୍ଧ ଦୂର ହୋଇ ମୁଖରୁ ପରମ ସୁଗନ୍ଧ ନିର୍ଗତ ହୁଏ । ପ୍ରତ୍ୟହ ବ୍ୟବହାର କଲେ ଦାନ୍ତର କୌଣସି ପ୍ରକାର ପୀଡ଼ା ହୋଇ ପାରିବ ନାହିଁ ପଲ୍ଲୀରେ ମଧ୍ୟ ବିଶେଷ ଉପକାର ହେବ ।

ମୂଲ୍ୟ ପ୍ରତିକୌଟା ଟ ୦। ଚାରିଅଣା । ଡାକବ୍ୟୟ ଟ ୨। ଦୁଇଟଙ୍କା ଚାରିଅଣା । ୩ କୌଟା ପର୍ଯ୍ୟନ୍ତ ଚାରିଅଣା ଡାକମାସୁଲରେ ଯିବ ।

ଏଚ୍, ଡି, କୁଣ୍ଡୁ ଏଣ୍ଡ କୋଂ

୨ ନମ୍ବର ମାଣିକତଲା ଷ୍ଟ୍ରିଟ—କଲିକତା

### ବଜାମୁଲ୍ୟେ ଜୋତା ।



### ଡାମ୍ବୁଲ ବଜାର ।

ଡାମ୍ବୁଲ ବଜାରର ଘରତ୍ୱ ଦଣ ଅଛି ଅନେକ ନୂତନ ଦେଖାକୁ ହେବ ? ଏତଦଦ୍ୱାରା ...


Split by PDF Splitter

Digitized by srujanika@gmail.com

ଉକ୍ତ ବ୍ୟବହାର କଲେ ସଦ୍ୟପ୍ରସ୍ତୁତ ଗୋଲାପର ମନୋହର ଗନ୍ଧରେ ମନ ଓ ପ୍ରାଣ ତୃପ୍ତ ହୋଇଯିବ, ମୁଖ ସୁବାସରେ ପୂର୍ଣ୍ଣ ହେବ । ଏହି ତାମ୍ବୁଲ ବାହାରର ସହିତ ଅମ୍ଭେମାନେ ହେମନ୍ତ ଅତ୍ୟାବଶ୍ୟକ ଉପହାର ଅଯୋଜନ କରିଅଛୁଁ ଦେଖନ୍ତୁ ।

ଯେଉଁମାନେ ୧ ଡଜନ ତାମ୍ବୁଲ ବାହାର କ୍ରୟ କରିବେ ତାହାଙ୍କୁ ଏକଯୋଡ଼ା ଜୁତା ତାହାଙ୍କ ସଙ୍ଗେ ବିନାମୂଲ୍ୟରେ ଦେବୁଁ । ସ୍ମରଣ ରଖିବେ ଅମ୍ଭମାନଙ୍କର ଉତ୍କୃଷ୍ଟ ଦେଶୀ ଜୁତା ନୂହେ । ବିଳାତର ବହୁଳ ପ୍ରସ୍ତୁତ ଯୋଗେ ଅମ୍ଭମାନଙ୍କର ଏହି ବିଶେଷ ଅଯୋଜନ । ଅର୍ଡର ସଙ୍ଗେ ପାଦର ମାପ ପଠାଇବାକୁ ଭୁଲିବେ ନାହିଁ । ମୂଲ୍ୟ ପ୍ରତି ଡଜନ ୮୩୧ ତିନି ଟଙ୍କା ଡାକମାସୁଲ ୮୦ ୵ ଅଣା ।



ଅମ୍ଭେମାନେ ସୁଇଡେନରୁ ବହୁତ ଘଡ଼ି ଓ ଚେନ, ଲକେଟ ଇତ୍ୟାଦି ପ୍ରଚୁର ପରିମାଣରେ ଅମଦାନୀ କରିଅଛୁଁ ଅଠରକୌଟା ତାମ୍ବୁଲ ବାହାର ଏକସଙ୍ଗେ ନେଲେ ଗ୍ରାହକମାନଙ୍କୁ ଗୋଟିଏ ରେଗୁଲେଟର ୱାଚ, ନିକେଲ ସ୍ପ୍ରିଙ୍ଗ ଚେନ, ଲକେଟ ଓ ଚାବି ସହିତ ଉପହାର ଦିଆଯିବ । ଏଥିରୁ ସ୍ମରଣ ରଖିବ ବ୍ୟତୀତ ଏ ସୁବିଧା ରହିବ ନାହିଁ ବିଳମ୍ବରେ ହତାଶ ହେବ । ୧୮ କୌଟା ତାମ୍ବୁଲ ବାହାରର ମୂଲ୍ୟ ୮୨୮ ଡାକମାସୁଲ ୮୦ ୵ ଅଣା । ଏଥିରେ ଭାରଣା ବା ଠକପଣିଆ ନାହିଁ । ୬ କୌଟା ତାମ୍ବୁଲ ବାହାର ଘଡ଼ି ସହିତ ଇଙ୍ଗର୍ସୋଲ ଶୁଦ୍ଧ ଉପହାର ଦେଉଥାଉଁ ୩କୌଟା ଗ୍ରହଣ କଲେ ଲକେଟ ପାନର ଡବା ପ୍ରଦାନ କରୁଁ ଏଥିର ଡାକମାସୁଲ ସ୍ୱତନ୍ତ୍ର ଲାଗିବ ।

ଦି ଇଣ୍ଡିପେଣ୍ଡେଣ୍ଟ ଏଜେନ୍ସି

ପୋଷ୍ଟ ବକ୍ସ ଷ୍ଟୋର୍ସ । ପୁରୁଣାବଜାର

କଲିକତା

# ବିଜ୍ଞାପନ ।

କଟକ ଜିଲ୍ଲା କଟକଥାନା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର, ଓ ପାଟକୁରା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୪ ମସୀହା ଅପ୍ରେଲମାସ ତା ୧ ରଖଠାରୁ ସନ ୧୯୦୭ ମସିହା ମାର୍ଚ୍ଚମାସ ତା ୩୧ ରଖ ପର୍ଯ୍ୟନ୍ତ ତ ୩ ବର୍ଷ ନିମନ୍ତେ ସନ ୧୯୦୪ ମସୀହା ଫେବ୍ରୁଆରୀ ମାସ ତା ୨୨ ରଖ । ମୁ । ସନ ୧୩୧୧ ସାଲ ଫଗୁଣମାସ ଦି ୧୧ ନ ଦିବା ଘ ୮ ଟା ସମୟରେ କଟକ ସଦର ଲୋକାଲ ବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ଉପର ଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଅପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍କ୍ଷଣାତ ଅର୍ଥାତ ନିଲାମ ଡାକ ଶେଷ ହେଲା ଯାକ ନିଲାମି ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ସେହି ନିଲାମ ରଦ୍ଦ ହେବ ଓ ପ୍ରତ୍ୟେକ କିସ୍ତିର ଖଜଣା ସେହି କିସ୍ତିର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଜାମିନଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସିକ୍ୟୁରିଟି କବୁଲିୟତ ଲେଖିଦେଇ ରେଜେଷ୍ଟ୍ରି କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକାଲ ବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉକି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତନ୍ମଧ୍ୟରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ ତାହାର ଡାକ ରଦ୍ଦ କରାଯିବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ଖାସ ଇଜରା କରାଯିବ ।

| ଥାନା କଟକ | ଥାନା ଜଗତସିଂହପୁର |
|---|---|
| ୧ । କରବାଟୀ | ୧ । ବାଲିଆ |
| ୨ । ଚୌଦ୍ୱାର | ୨ । ସଙ୍ଖାରସାହି |
| ୩ । ନୂଆବଜାର | ୩ । ଗୋବିନ୍ଦପୁର |
| ୪ । ବାରଙ୍ଗ | ୪ । ଜଗତସିଂହପୁର |
| ୫ । ପାଥପୁର | ୫ । ନୁଆଗାଁ |
| ୬ । ଟାଙ୍ଗି | ୬ । ଝିଙ୍କିରି |
| ୭ । ଚମ୍ପାପଡ଼ା | ୭ । କାଞ୍ଚିଲା |
| | ୮ । ମାଧବ |
| ଥାନା ବାଙ୍କି | ୯ । କହ୍ନେଇପୁର |
| ୧ । ରଡ଼ିଙ୍ଗା | ୧୦ । ସୁଦୁକଣ୍ଠି |
| ୨ । ତୁଳସୀପୁର | ୧୧ । ରଘୁନାଥପୁର |
| ୩ । ପଥୁରିଆପଡ଼ା | ୧୨ । କାଳିଜୁଡ଼ା |
| ୪ । କଳାପଥର | |
| ୫ । ବୈଦ୍ୟେଶ୍ୱର | ଥାନା ତିର୍ତ୍ତୋଲ |
| ୬ । ସୁବର୍ଣ୍ଣପୁର | ୧ । ଝିଙ୍କିଡ଼ି ଜୟପୁର |
| ୭ । ଘୋଲପୁର | ୨ । କନକପୁର |
| ୮ । ଭଗିପୁର | ୩ । ଜସୀପଟଣା |
| | ୪ । ପଙ୍କପାଳ |
| | ୫ । ଅନନ୍ତପୁର |

ଥାନା ସାଲେପୁର ।

| | |
|---|---|
| ୧ । ପଦ୍ମପୁର | ୨ । ସାଲେପୁର |
| ୩ । କଣ୍ଠିନାଥପୁର | ୪ । ମୌଦା |
| ୫ । କୃଷ୍ଣାନନ୍ଦପୁର | ୬ । ଖଣ୍ଡୋଲ |
| ୭ । ଅମରେଶ୍ୱର | ୮ । ଶାନ୍ତସପୁର |
| ୯ । କଳସପୁର | ୧୦ । ଚନ୍ଦ୍ରପୁର |
| ୧୧ । କନ୍ଦରେଇପୁର | ୧୨ । ଗୌଡ଼ଗୋପ |

M. Das

*V. Chairman*

ବିଜ୍ଞାପନ ।

ଅତ୍ୟଳ୍ପ ବ୍ୟୟରେ ଅତ୍ୟାଶ୍ଚର୍ଯ୍ୟ ଆରୋଗ୍ୟ ସମ୍ବାଦ ।

ଚିର କଲୀନ ମୌ । କୃଷ୍ଣପୁର ପୋଃ ଅଃ ହରିପୁର ଘୋଷଣ, ୮ ସଦାଶିବ ଦାସ ଶର୍ମା ବୈଦ୍ୟ ଧନ୍ୱନ୍ତରି ଗୁଣ ବଳରେ ମହାଶୟଙ୍କ ଗୃହ ଗତେ ଶ୍ରୀ ସ୍ନେହମୋହନ ଦାସ ଶର୍ମା ଅସ୍ତ୍ରେ କବିରାଜ ମୂଳ ସ୍ୱପ୍ନଦତ୍ତ ଔଷଧ ପ୍ରାପ୍ତ କବିରାଜ ମହୋଦୟ, ବାଧ୍ୟରେ ଚର୍ମରୋଗ ଓ କୁଷ୍ଠ ସ୍ୱୀକାର କରି ନାନାବିଧ ରୋଗାକ୍ରାନ୍ତ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ବିନାମୂଲ୍ୟେ ଚିକିତ୍ସାଦ୍ୱାରା ଆରୋଗ୍ୟ କରୁଅଛନ୍ତି । ଏହି ମହାତ୍ମା ସର୍ବସାଧାରଣଙ୍କ ନିକଟରେ ଏକଜଣ ଅମୃତହସ୍ତ କବିରାଜ ବୋଲି ପରିଚିତ ହୋଇଅଛନ୍ତି । ଏହାଙ୍କ ଚିକିତ୍ସାଦ୍ୱାରା ଅନେକ ଜଟିଳ ରୋଗ ଡାକ୍ତର ଓ କବିରାଜମାନଙ୍କର ପରିତ୍ୟକ୍ତ ରୋଗୀମାନଙ୍କ ଅତ୍ୟାଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେବାର ଦେଖା ଯାଉଅଛି । ଏହାଙ୍କର ନିକଟ ସକଳପ୍ରକାର ଅକୃତ୍ରିମ ଔଷଧାଦି ସୁଲଭ ମୂଲ୍ୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଡାକ୍ତର ଓ କବିରାଜମାନଙ୍କ ପରିତ୍ୟକ୍ତ ରୋଗାକ୍ରାନ୍ତ ବ୍ୟକ୍ତିମାନେ ଥରେ ମାତ୍ର ଏହି ମହାତ୍ମାଙ୍କର ସୁଲଭ ମୂଲ୍ୟର ଔଷଧ ବ୍ୟବହାର କରି ଦେଖନ୍ତୁ ।

Chaitan Prasad Mahant

Inspecting Pandit

Bamanghaty & Panchpir Sub-Division.

P. O. Rairangpur.

BALASORE

Digitized by srujanika@gmail.com

# ବିଜ୍ଞାପନ ।

ଅଳ୍ପ ଦାମରେ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

DR. J. T. MARTIN'S REGISTERED TRADE MARK AGENTS I. B. G. & CO.

Dr. Martin's

# DANZIN

DR. J. T. MARTIN'S REGISTERED TRADE MARK AGENTS I. B. G. & CO.

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଟେବୁଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅନୁସରଣ, ଫଷ୍ଟଗେଟ ଓ ଡାଇମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦ୍ଧୁଲେଷଣ ଶକ୍ତିର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭକୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ପାଇବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏତେବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜିନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ସ୍ଥାୟୀ ।

ଡ୍ୟାନଜିନରେ—ମଦ, ଅଫିମ, କୋକେନ୍, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା କ୍ଷାର ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଭଗ୍ନ ଦେହର ଜୀବନ ।

## ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂୟ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ସୂତାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତକ ଘୂର୍ଣ୍ଣନ, ମସ୍ତିଷ୍କଶୂଳ, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ ତଜ୍ଜନିତ ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମସ୍ତକରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ନାଳି ଘା, ପଚଘା, ନାଳଘା ନାଲୁଅ, ଭଗନ୍ଦର, କାଛୁ କୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କିଟକିଟ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।୷ ୩ବୋତଲ ଟ ୪।୷, ୬ବୋତଲ ଟ ୭।୷ ଓ ୧୨ବୋତଲ ଟ ୧୪୲ ଡାକ ମାସୁଲ ୧ ଠାରୁ ୩ ବୋତଲ ଟ ୦ ।୷ ଅଣା, ୪ ଠାରୁ ୧୨ବୋତଲ ଟ ୦ ।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" BARA BAZAR, CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ ବଡ଼ବଜାର କଲିକତା

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଦଦ୍ରୁ ଯେ କୌଣସି ପ୍ରକାର ଦାଦୁ ହେଲେହେଁ ୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷାରକ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡାକମାସୁଲ ୵ ଏକଠାରୁ ୧୨ କୌଟା ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅଦ୍ଭୁତ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲ ଡଜନ ଟ ୧୦୲ ମାସୁଲ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟ—ଆଇ, ବି, ଜି ଏଣ୍ଡ କୋଂ ବଡ଼ବଜାର କଲିକତା


Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ କି ଆମ୍ଭର ପିତା ପଣ୍ଡିତ ୰କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ ଓ ଅନୁବାଦିତ ଏବଂ ଆମ୍ଭ କୃତ ଓ ଅନୁବାଦିତ ଯାବତୀୟ ପୁସ୍ତକମାନ ଆମ୍ଭର ବିନା ଅନୁମତିରେ କେହି କୌଣସି ଯନ୍ତ୍ରାଳୟରେ ଛାପା କରାଇ ପାରିବେ ନାହିଁ । ଯେବେ କେହି ଛାପା କରାନ୍ତି ତେବେ ଆମ୍ଭେ ବାଧ୍ୟ ହୋଇ ତାହାଙ୍କଠାରୁ କ୍ଷତିପୂରଣ ନେବାକୁ ଯତ୍ନ କରିବୁଁ । ଇତି ।

୧୯୦୪ — ଶ୍ରୀ ସୁଦର୍ଶନ ଚନ୍ଦ୍ର ଶର୍ମା

## ବିଜ୍ଞାପନ ।

### ନୂତନ ଲେଖିବାର ପାଳୀ ।

ଲେଖିବା ସମୟରେ କାଳି ଶୁଖିଗଲେ କଳା ହୋଇ ଧଳାରେ ଦେଖାଯିବ ଏହାବେଳକେ ଲେଖିଯାଏ, ଦୁଆତରେ ଶୀଘ୍ର ବସେ ନାହିଁ ବା ଶୁଖିବାକୁ ଡର ନାହିଁ ନମୁନା ଦରକାର ଖରଚରେ ପଠାଇ ଦିଆଯାଏ ।

ପ୍ରୋପ୍ରାଇଟର
ଏଚ, ଦେ, ବାଲେଶ୍ୱର

## କୁଷ୍ଠ ରୋଗୀ !

### ହତାଶ ହୁଅ ନାହିଁ

ଆମ୍ଭେ ବହୁ ପରୀକ୍ଷାଦ୍ୱାରା ପ୍ରତିଜ୍ଞା ପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠକବଳରୁ ମୁକ୍ତି ପାଇ ପୁଷ୍ଟ ଶରୀରରେ ଚିରକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚିକିତ୍ସା କରାଇ ଓ ବହୁ ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇ ଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରିତ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନକୁ ଅତିରଞ୍ଜିତ ବା ମିଥ୍ୟା ଭାବି ମନେ ନ କର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାସିକାବକ୍ର, କର୍ଣ୍ଣବକ୍ର ଓ ସର୍ବାଙ୍ଗ ବ୍ୟାପି ସ୍ୱର୍ଣ୍ଣଭଙ୍ଗ ଘାଅମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷାକର ଦେଖିଲେ ଜାଣିପାରିବ । ନିମ୍ନ ଠିକଣାକୁ ଡାକଟିକଟ ସହ ପତ୍ର ଲେଖିଲେ ପ୍ରୟୋଜନୀୟ ବିଷୟମାନ ବୁଝିପାରିବ ।

କୃଷ୍ଣପୁର — ଶ୍ରୀ ବାଳକୃଷ୍ଣ ଦାସ
କଟକ — କବିରାଜ




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଅଦ୍ଭୁତ ଓ ଅଲୌକିକ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ ; ଚିକିତ୍ସାଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ଦୃଷ୍ଟାନ୍ତ, ପାରଦୋଷ ନାଶ କରିବାକୁ ଅମୋଘ, ବାତରୋଗ ଘେଗିର ଭରସା, ସ୍ନାୟୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅତୁଳନୀୟତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୁରେନ୍ଦ୍ରଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※※※ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ଦିବ୍ୟ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା ରଘୁନାଥ ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※※※ ବିଜ୍ଞାପନର ମୋହରେ ପଡ଼ି ※※※ ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନୁପକାର ହେଲା ସେଥିରେ ସାଗ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆଉରି ୩ ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ବାହାଦୂର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର ନବ ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ଟ ୨ ୧, ୩।୬।୯ ଶିଶିକୁ ଲଯାକ୍ରମେ ଟ ୫। ଟ ୧୦। ଟ ୨୦ ୧ ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—ଡବଲ୍ୟୁ, ମେଜର ଏଣ୍ଡ କୋମ୍ପାନୀ କଲିକତା

Digitized by srujanika@gmail.com

## ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

## ମହିଳାମାନଙ୍କର ହେୟାର-ଲାଇନ ସୋହାଗର ସାମଗ୍ରୀ

କେଶର ସଂଶୋଧନ, ପରିବର୍ଦ୍ଧନ ଓ ଶୋଭାବର୍ଦ୍ଧନ ପାଇଁ ମନୋହର କେଶ ତୈଳ । କେତେଗୁଡ଼ିଏ ଉଦ୍ଭିଜ୍ଜ ସାର ଓ ସୁଗନ୍ଧି ଦ୍ରବ୍ୟ ଯୋଗେ ନୂତନ ପ୍ରଣାଳୀରେ ଏହି ତୈଳ ପ୍ରସ୍ତୁତ ହୋଇଅଛି । ଅପଣ ଏହା ଲଗାଇବା ଆରମ୍ଭ କରନ୍ତୁ, ଅଳ୍ପ ଦିନରେ ସୁଫଳ ଦେଖି ପାରିବେ । ମସ୍ତିଷ୍କ ଶୀତଳ ହେବ । ନିଶ୍ଚୟ ସେହି ମନୋହର ସୁଗନ୍ଧରେ ମୁଗ୍ଧ ହେବେ । ଅପଣଙ୍କର ମନେ ହେବ ଯେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନକୁ ଅସିଅଛି ।




"ହେୟାର-ଲାଇନ" ଲଗାଇ କେଶ ବନ୍ଧାଯାଇ ପାରେ, ୨୪ ଘଣ୍ଟାକାଳ ଗନ୍ଧ ସମଭାବରେ ଥାଏ । ସ୍ନାନ ପରେ ଦେଖିବେ ଯେତେ ପରିଷ୍କାର, ହେୟାର-ଲାଇନର ଗନ୍ଧ ସେତେ ରହିଥାଏ, ତେଣୁ ଶୌଖୀନ ଲୋକ ଖୋଜି ବସି । ଏହି ମୂଲ୍ୟବାନ୍ ଅତର ଓ ବହୁଦେଶୀୟ ମାନ୍ୟଗଣ୍ୟ ଲୋକ ପ୍ରଶଂସା ଏହାର ଶୌଖୀନ ଓ ସୁଖ ଲୋକଙ୍କ ପସନ୍ଦ ।

"ହେୟାର-ଲାଇନ" ଭଳି ଏତ ମନୋହର, ସୁଗନ୍ଧ ତରଳ ଓ ସ୍ୱଚ୍ଛ । ଏହା ଲଗାଇଲେ କେଶରେ ଅଠା ଧରେ ନାହିଁ, ଲଟ-ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" ବ୍ୟବହାର ଶୌଖୀନ ଲୋକଙ୍କ ମୁଣ୍ଡ ବ୍ୟଥା, ମସ୍ତିଷ୍କ ଶୂଳ, ଦୁଶ୍ଚିନ୍ତା ପ୍ରଭୃତି ଶିର ରୋଗର ମହୌଷଧ । ଦୃଷ୍ଟି ପ୍ରବଳ ହେବା, ଶୀତ ବାତ, ଛିଦ ଖଣ୍ଡ ପଡ଼ ହେବା, ଶ୍ରବଣ ଅସ୍ପଷ୍ଟ ହେବ, ସ୍ୱପ୍ନଦୋଷ ଦୋହଲା, ଅଳ୍ପ ପଢ଼ିବା ମାତ୍ରେ କ୍ଳାନ୍ତ ହେବା, ଅନିଦ୍ରା, ଚକ୍ଷୁ ସହଜ ପ୍ରଭୃତି ଉପସର୍ଗ ଦୂରୀକରଣରେ ଏହା ତୁଲ୍ୟ ସମତାପର ଔଷଧ ଅର ନାହିଁ । ଏହା ସୁଗନ୍ଧି — ଅଙ୍ଗର ଭୂଷଣ ।

"ହେୟାର-ଲାଇନ" ବ୍ୟବହାରକାରୀ କେଶ ଉତ୍ପାଟିତ ହୁଏ ନାହିଁ, କେଶର ମୂଳ ଦୃଢ଼ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ ଘନ ଓ ଉଜ୍ଜ୍ୱଳ ହୁଏ, ମସ୍ତିଷ୍କ ଶୀତଳ ହୁଏ । ଅଳ୍ପ ଦିନ ବ୍ୟବହାର କଲେ ଝାଉଁଳ କେଶ କଳା ହୁଏ, ମୁଣ୍ଡର ରୁଚି ପ୍ରଭୃତି ନଷ୍ଟ ହୁଏ; କେଶ ଗନ୍ଧ, କୋମଳ ଓ ସୁଦୃଶ୍ୟ ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଫୂର୍ତ୍ତି ବଢ଼େ, ସ୍ମୃତି ଶକ୍ତି ବୃଦ୍ଧି ହୁଏ । ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାଙ୍କ ଆଦରର ସାମଗ୍ରୀ ।

ମୂଲ୍ୟ ପ୍ରତି ଶିଶି ୫ ୧ ( ୩,୬,୧୨ ଶିଶି ଲିଖାଯିବାରେ ଟ ୫୩, ଟ ୧୦୩, ଟ ୨୦ ପ୍ୟାକିଂ ଓ ଡାକ ମାସୁଲ ସ୍ୱତନ୍ତ୍ର ।

**ପ୍ରାପ୍ତି ସ୍ଥାନ ଡବଲିଉ ମେଜର ଏଣ୍ଡ କୋମ୍ପାନୀ — କଲିକତା**





## ଡାକ୍ତର ମେଜର ସାହେବଙ୍କର

## ନୂତନ ଅବିଷ୍କାର !

## ଚକିତ୍ସା ଜଗତରେ — ଯୁଗାନ୍ତର ! !

## ଅସାଧ୍ୟ ରୋଗର — ସାଧ୍ୟ ଔଷଧ ! ! !

## ହାଇଡ୍ରୋସିଲ-କିଲିକ୍ ପାଉ

ବା

### କୋଷ ବୃଦ୍ଧିର ଅମୋଘ ଔଷଧ ।

ଗତ ବର୍ଷ ମହାଜନଙ୍କୁ ଅନେକ ରୋଗୀ ଅନୁରୋଧ କରି ପାଇଅଛନ୍ତି । ଅନେକଙ୍କେ ସୁବିଧା ଅନୁଭବ କରି ପାରିଛନ୍ତି, ଏହି ପ୍ରଲେପ ନିୟମପୂର୍ବକ କେତେକ ସପ୍ତାହ ବ୍ୟବହାର କଲେ ଏକଶତ ବା କୋଟିଏ ଯେତେ ବଡ଼ କୋଷ ହେଉ, ତାହା ସୁଗଠନ ଦେହ ନିଶ୍ଚୟ ଆରୋଗ୍ୟ ହେବ । ଯେଉଁମାନେ ଏହି ନୂତନ ରୋଗ ଓ ତାହାର ଦନ୍ଧ ଯନ୍ତ୍ରଣାଦାୟକ ଓ ଦୁର୍ଗନ୍ଧ ହେତୁରେ ଓ କଷ୍ଟ ଯନ୍ତ୍ରଣାରେ ଅତ୍ୟନ୍ତ ଜର୍ଜରିତ କରେ ଆରୋଗ୍ୟ ଲାଭର ବାସନା କରନ୍ତି, ସେମାନେ ଦିନେ ଏହି ପ୍ରଲେପ ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଦିନ ବ୍ୟବହାରରେ ଏହାର ଆଶ୍ଚର୍ଯ୍ୟ ଉପକାରିତା ଜଣା ପାଏ ଅର୍ଥାତ୍ କେବଳ ଅଳ୍ପ କାଳରେ ଔଷଧ ଲେପନ କରି ବାନ୍ଧେନ ଜଣାଇ ଭଳି ଏସବୁ କଲେ କୋଷ ମଧ୍ୟସ୍ଥ ଜଳ, ମାଂସ ଗଳି ହୋଇ ଶରୀରଣଶଙ୍କରେ ପୁନଶ୍ଚ ଜଳ ଫ୍ରମେ ଥାଏ, ଫଳେ, କାଳକ୍ରମେ ରକ୍ତ ଦୂଷିତ ହୋଇ ଏବଂ ଶୋଥ ଅସ୍ୱାସ୍ଥ୍ୟ ଓ ଦୁର୍ବଳ ଜନ୍ମାଏ । ସେମାନେ ଅନେକ ବେଳା ବଶ ପୃଥକ୍ ଦ୍ୱାରା ହୋଇଅଛନ୍ତି, ସେମାନେ ଏହି ମହୌଷଧ ପ୍ରତି ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ । ବ୍ୟବହାରରେ କଠୋ ଯନ୍ତ୍ରଣା ବା କଷ୍ଟକର ନିୟମ ନାହିଁ, ଅନାୟାସ ସ୍ୱାସ୍ଥ୍ୟକରଣ ।

ମୂଲ୍ୟ ପ୍ରତି ଶିଶି ଟ ୧୫ ତିନି ଶିଶି ଏକତ୍ରରେ ଟ ୪ । ୭ ଶିଶି ଟ ୭୩ ଟା । ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତବ୍ୟ, — ଡବଲିଉ, ମେଜର ଏଣ୍ଡ କୋମ୍ପାନି କଲିକତା ।



## ମୃତ୍ୟୁ ଅଛି ମୃତ୍ୟୁ ନାହିଁ ! ବିଚ୍ଛେଦ ନାହିଁ ! !

## ଅଦ୍ଭୁତ ମଧ୍ୟରେ ଅଦ୍ଭୁତ ! ! !



## PLANCHETTE ( ପ୍ଲାଞ୍ଚେଟ )

ଏହା ଖେଳିବା ନୁହେଁ । ଏହା ମନ୍ତ୍ର ନୁହେଁ । !

ପ୍ରେତ ତତ୍ତ୍ୱର ଏହାର ଅଦ୍ଭୁତ ପ୍ରକରଣ ମୃତ ମନୁଷ୍ୟ ( ଯେତେ କାଳରୁ ମରିଥିଲେ ସୁଦ୍ଧା ) ପ୍ରତ୍ୟକ୍ଷ ଏବଂ ଦର୍ଶକମାନଙ୍କ ସମ୍ମୁଖରୁ ଅଦୃଶ୍ୟ ହୋଇ ପାରିବ ଏବଂ କେହି ଇଚ୍ଛା କଲେ ତାହା ସଙ୍ଗେ କଥୋପକଥନ କେତେକ ସମୟ ଅତିବାହିତ କରି ପାରିବେ ଏବଂ ସମସ୍ତ ପ୍ରଶ୍ନର ଯଥାର୍ଥ ଉତ୍ତର ପାଇ ପାରିବେ । ପ୍ରତ୍ୟେକ ଯନ୍ତ୍ର ସଙ୍ଗେ ମୁଦ୍ରିତ ଉପଦେଶ ଦିଆଯାଏ । ଅନ୍ଧକାରରେ ଭୀଷଣ ( ଭୟଙ୍କର ) ଏବଂ ନୂତନ ବର୍ଷର ପଞ୍ଜିକା ( ଘୋଷଣା ) ଅଦ୍ଭୁତ । ସେଥିରେ ଏଥିରୁ ସୋଡ଼ିଏ ଥରେ ଭୂତେ ଭୂତ ମୁଣ୍ଡଗୁଡ଼ା, ମାଗା, ପତ୍ନୀ, ଭାଇ, ଓ ପୁତ୍ର କନ୍ୟାମାନଙ୍କ ନିଜ ସମ୍ମୁଖରେ ଗନ୍ଧ ଦେଖିବ ଏବଂ ସମାନର ସୁସଂପୂର୍ଣ୍ଣ ଉପଦେଶ କରିବ ।

ବିଜ୍ଞାନ ସୁଯୋଗ । ଶୀଘ୍ର ଭଣ । । ଲକ୍ଷ ମୁଦ୍ରା । ।

ଜାଗ୍ରତ ବସ୍ତୁର ଏହିଶରୁ ଅଦ୍ଭୁତକାର୍ଯ୍ୟ ସମ୍ପାଦନ କରେ ମାନବ ଜୀବନରେ ବସ୍ତୁର ପ୍ରତାପଶାଳୀ ଶକ୍ତି ଅଛି ।

### ମୂଲ୍ୟ ପ୍ରତି ଗୋଟାକୁ ଟ ୨୧ ଙ୍କା

ଉପହାର । ଉପହାର । । ଉପହାର । । ।

୫ଗୋଟି ସହିତ ତା ଗୋଟିଏ ଆଡମଣ୍ଡକରଣ ପାଇବେ

୭ „ „ „ „ ସୁନାର ଓ୍ୟାଚଚେନ୍ „

୧୨ „ „ „ „ ସୁନାର ଘଣ୍ଟା „

ଆଣ୍ଡେଂ, କେଟଲଗ, ସ୍ୱାଗତ ଇତ୍ୟାଦି ବିନାମୂଲ୍ୟରେ ଦିଆଯାଏ ।

ଅଃ ସି ଚ୍ଯାଟାର୍ଜି, ପ୍ରଧାନ ଅଫି
୭ ନମ୍ବର, ୧୧ କାଲୁଟୋଲା
ବହୁବଜାର, ପୋଃ ଅଃ କଲିକତା ।


ଉତ୍କଳ ଦୀପିକାର ଗ୍ରାହକ ଉପକାରାର୍ଥେ ଉଲଲିଖିତ ମୂଲ୍ୟ ନିର୍ଦ୍ଧାରିତ ହୋଇଅଛି, ଯଥା, —

ପ୍ରଥମଶ୍ରେଣୀ ସଂଖ୍ୟା

| | |
|---|---|
| ଧାର୍ଯ୍ୟବୃତ୍ତ | ୪ ୦ ୬ |
| ଅର୍ଦ୍ଧମୂଲ୍ୟ | ୧ ୨ ୧ |

ପୂର୍ଣ୍ଣ ଏକ ସ୍ତମ୍ଭକୁ ୪ ୩ ୧

ମାଷ ପର୍ଯ୍ୟନ୍ତ ଦଣ୍ଡପାଳ, ଯେପରି ସ୍ଥଳ ବାଳିଲେ । ଉକ୍ତର ଖର୍ଚ୍ଚ ୫୦ ୧ ଖାଲି ଖାଣି ହେବ ନାହିଁ

ହ ନାମ ଓ ଭୂଷଣପୂର୍ବକ ଏଥିରେ ଖର୍ଚ୍ଚ ପ୍ରସ୍ତୁତ ଥିବା ଦେଖି ଓ ପୁଣି ସେଥିରେ ଦେବ ।

ଅଗ୍ରିମ ଦର ସର୍ବାଗ୍ରେ ସ୍ୱଚ୍ଛନ୍ଦ ଦେଇ ହୋଇଥାଏ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ ଦେବ ।

ଏହି ଉତ୍କଳଦୀପିକା ସହର କଟକ ଦରଘାଟକାର ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

GISTERED No. C 51



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖଣ୍ଡ ୩୯ ଶ
ସଂଖ୍ୟା ୬

CUTTACK, SATURDAY THE 6th February 1904.
୬ ୨୪ଶ ମାଘ ସନ ୧୩୧୧ ସାଲ ଶନିବାର

ଅଗ୍ରିମ ୨ ୩୯
ପଶ୍ଚାଦେୟ ୨ ୬୯

## ବିଜ୍ଞାପନ ।

### କଟକ ଟ୍ରେଡିଂ କମ୍ପାନୀର
### ନୂତନ ପଞ୍ଜିକା

ଓଡ଼ିଆ ୮୭୬ ସନ ୧୩୧୧ ଓ ୧୩୧୨ ସାଲ ଇଂରାଜୀ ସନ ୧୯୦୪।୧୯୦୫ ମସିହାର ନୂତନ ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଶ୍ରୀକ୍ଷେତ୍ରର ମୁକ୍ତିମଣ୍ଡପର ମୁଖ୍ୟ ପଣ୍ଡିତମଣ୍ଡଳୀ ଏହି ପଞ୍ଜିକାର ଅଧିକତର ଆଦର ଏବଂ ପୁରୀ ମନ୍ଦିରରେ ଏହାର ଅଧିକ ଗ୍ରାହକ ଏବଂ ଏହା ଶ୍ରୀ ଜଗନ୍ନାଥ ଦେବଙ୍କ ପାଞ୍ଜି ବୋଲି ବିଖ୍ୟାତ । ଉତ୍କୃଷ୍ଟତା ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ଅଟେ ।

| | |
|---|---|
| ବଡ଼ ପଞ୍ଜିକା | ୪୦। |
| ଛୋଟ ପଞ୍ଜିକା | ୪୦୧୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ ପାଇବେ ।

ଶ୍ରୀ ଗୋବିନ୍ଦଙ୍କର ଗୁପ୍ତ
ସେକ୍ରେଟେରୀ

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever,

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Foves, and mild form of Plague, Surgeon- Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. per bottle. Discount to the Trade.

## ADVERTISEMENT.

Babu Brajendra Kumar Mansingh Bhramarbar Rai the proprietor of Killa Dompara, District Cuttack having died his estate is proposed to be brought under the management of the Court of Wards.

Creditors and other persons having claims against the estate are hereby invited to appear and submit correct account of their respective claims on or before the 15th February next for my consideration and order. No claim will be admitted after expiry of that date unless it be proposed in a Court of Justice.

Cuttack Collectorate, 29—1—04. F. N. FISCHER *Collector of Cuttack.*

## WANTED

A Head master for the Gupt Raj-Kumar M. E. School Keunjhar on a salary Rs 35 a month with free quarter rising to Rs. 40 by bienial increment of Rs. 2.

None need apply who has not passed F. A. Examination and is not strong in English.

Applications with testimonials to be received up to the 15th February 1904.

Keunjhar Maharaja's Sadder &c., 21—1—24. Gopal Balbab Das Dewan Keunjhar State.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack*

## ADVERTISEMENT

Wanted smart and energetic chief and Local mofussil agents in every District to introduce and sell our Electric, acetylene lights and Novelties and Graphophones and Phonographs &c. Cash security from Rs. 100 to 1000 required as deposit for our goods. Monthly salary ranging from Rs. 10 to Rs. 100 or ten percent of the amount deposited besides 12½ percent commission on goods sold will be given goods worth more than the amount of security supplied apply to.

EDWARD ELECTRIC WORKS & NOVELTIES and acetylene goods supply Co, 64 College street, Calcutta.

## NOTICE.

Wanted a Second Clerk for the office of the District Board of Puri on a salary of Rs 30 per mensem. None need apply who has not passed at least the Entrance Examination, is not strong in English and does not write a fast and neat hand. Preference will be given to an undergraduate having some experience in correspondence and account works of District Board or Executive Engineer's office, Application with copies of testimonials will be received up to the 15th February 1904

Puri Dt. Board's office The February 1904. Vice Chairman *Dt. Board Puri*

Digitized by srujanika@gmail.com

## ବିଜ୍ଞାପନ

ବାରିପଦା ମଲ୍ଲବ କ୍ଳାସରେ ପାରସୀ, ଉର୍ଦ୍ଦୁ ଆରବୀ ଓ ଓଡିଆ ଜାଣିଥିବା ଜଣେ ଶିକ୍ଷକ ଆବଶ୍ୟକ । ବେତନ ମାସିକ ୮ ଟଙ୍କା । ଶିକ୍ଷକମାନଙ୍କ ଅଭିଭାବକଙ୍କଠାରୁ ଫୋଗଡ ପାଇବେ । ଫେବ୍ରୁଏରୀ ମାସ ତା ୧୫ ରିଖ ପର୍ଯ୍ୟନ୍ତ ଦରଖାସ୍ତ ନିଆଯିବ । ଦରଖାସ୍ତ କାରମାନେ ଆପଣା ପ୍ରଶଂସାପତ୍ର ସହ ତଳ ଲିଖିତ ଠିକଣାରେ ଦରଖାସ୍ତ କରିବେ ।

Baripada 30-1-04 — R. D. Chakerbarty, Supdt. of Education, Mourbhanj.

## ନୋଟିସ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ ବାହୁଗାଁ କଚ୍ଛାର ସ୍ଥିତ ନଂ ୧୬ ମହଲ ଜମାବନ୍ଦୀ ବାବତ୍ ଖାସମାହାଲ ଜମି ଖାଲି ପଡିଥିବାରୁ କୌଣସି ପ୍ରଜା ସହିତ ବନ୍ଦୋବସ୍ତ କରିବାର ଆବଶ୍ୟକ । ଅତଏବ ଯେଉଁମାନେ ଉକ୍ତ ଜମି ପଟ୍ଟା ନେବା ସକାଶେ ଇଚ୍ଛା କରନ୍ତି ଚଳିତ ଫିବ୍ରୁଆରି ମାସ ତା ୧୫ ରିଖ ପର୍ଯ୍ୟନ୍ତ ଆମ୍ଭ ନିକଟରେ ଦରଖାସ୍ତ ଦାଖଲ କରିବେ ।

ପ୍ରକାଶ ଥାଉ କୌଣସି ଦରଖାସ୍ତକାର ମୁସଲମାନ ଯେବେ ଉପରୋକ୍ତ ମହାଲ ମସଜିଦର କାର୍ଯ୍ୟ ଚଳାଇ ପାରିବେ ଓ ସମୁଦାୟ ବାକି ଖଜଣା ଦେଇ ପାରିବେ ତାଙ୍କ ସହିତ ଉକ୍ତ ଜମି ବନ୍ଦୋବସ୍ତ କରାଯିବ ।

F. N. FISCHER
*Collector.*

## ବିଜ୍ଞାପନ ।

ଯେହେତୁ କଟକଜିଲା ଅନ୍ତର୍ଗତ ସଦର ଜଗତ୍‌ସିଂହପୁର, ଭଦ୍ରଖୋଲ, ସାଲେପୁର, ଓ ବାଙ୍କୀଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୦୪ ମସିହା ଅପ୍ରେଲମାସ ତା ୧ ରିଖଠାରୁ ସନ ୧୯୦୭ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ୩ ବର୍ଷ ନିମନ୍ତେ ସନ ୧୯୦୪ ମସିହା ଫିବ୍ରୁଆରି ମାସ ତା ୨୬ ରିଖ । ମୁ । ସନ ୧୩୧୧ ସାଲ ଫଗୁଣମାସ ଦି ୧୧ ନ ଦିବା ୧୨ ଘଣ୍ଟା ସମୟରେ କଟକ ସଦର ଲୋକାଲ ବୋର୍ଡ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଜଣେ ଉପର ଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍‌କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲା କ୍ଷଣି ନିଲାମି ଜରା ସମ୍ପନ୍ନର ଚତୁର୍ଥାଂଶ ଜାମିନା ସ୍ୱରୂପ ଅଦାଲତରେ ଦାଖଲ କରିବେ ଓ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ସାନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାଟରର ଖଜଣା ସେହି କ୍ୱାଟରର ପ୍ରଥମ ତାରିଖରେ ଆଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଠିକାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱତନ୍ତ୍ରରେ କବୁଲିୟତ ଲେଖିଦେଇ ରେଜଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକାଲ ବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉକି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ତଦନ୍ୟରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍‌କ୍ଷଣାତ୍ ତାହାର ଡାକଟି ନବତ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାତ୍ରଣ୍ଟ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାନ ବନ୍ଦୀ କରାଯିବ ।

| ଥାନା କଟକ | ଥାନା ଜଗତ୍‌ସିଂହପୁର |
|---|---|
| ୧ । କଉବାଟୀ | ୧ । ବାଲିଆ |
| ୨ । ଚେଲଙ୍କାପେଣ୍ଠ | ୨ । ପଙ୍କାରସାହି |
| ୩ । ଲକ୍ଷ୍ମୀଇକ୍ଷା | ୩ । ଗୋବିନ୍ଦପୁର |
| ୪ । ବାରଙ୍ଗ | ୪ । ଜଗତ୍‌ସିଂହପୁର |
| ୫ । ପାଥପୁର | ୫ । କୁସର୍ଦ୍ଦି |
| ୬ । ଟାଙ୍ଗି | ୬ । ଝରଲୋ |
| ୭ । ତଷାପଡ଼ା | ୭ । ନିଆଲୀ |
| | ୮ । ମାଧବ |
| ଥାନା ବାଙ୍କି | ୯ । କନକପୁର |
| ୧ । ଚହିଙ୍କା | ୧୦ । ମୁଣ୍ଡୁଳି |
| ୨ । ତୁଳସୀପୁର | ୧୧ । ରଘୁନାଥପୁର |
| ୩ । ପଥୁରିଆପଡ଼ା | ୧୨ । ବାଲିକୁଦା |
| ୪ । କଲାପଥର | |
| ୫ । ବୈଦ୍ୟେଶ୍ୱର | ଥାନା ଭଦ୍ରଖୋଲ |
| ୬ । ସୁବର୍ଣ୍ଣପୁର | ୧ । ଝଙ୍କଡ ଜୟପୁର |
| ୭ । ଘୋଲପୁର | ୨ । କନକପୁର |
| ୮ । ଉଗିପୁର | ୩ । ନୟାପଟଣା |
| | ୪ । ପଙ୍କପାଲ |
| | ୫ । ଅନନ୍ତପୁର |

ଥାନା ସାଲେପୁର ।

| | |
|---|---|
| ୧ । ପଦ୍ମପୁର | ୨ । ସାଲେପୁର |
| ୩ । ବିଶ୍ୱନାଥପୁର | ୪ । ମୌଦା |
| ୫ । କୁଷ୍ଣାଜୟପୁର | ୬ । ଖଡୋଲ |
| ୭ । ଅସୁରେଶ୍ୱର | ୮ । ସାନ୍ତରପୁର |
| ୯ । କଗସପୁର | ୧୦ । କେନ୍ଦ୍ରପୁର |
| ୧୧ । ଚଉଲେଶ୍ୱରପୁର | ୧୨ । ଗୋଡିଗୋପ |

M. Das
*V. Chairman*

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆଗାମୀ ସନ ୧୯୦୪—୧୯୦୫ ସାଲରୁ ଏହି ମିଉନିସିପାଲିଟୀର ଅନୁମାନିକ ଆୟ ବ୍ୟୟର ବଜେଟର ଓଡିଆ ଅନୁବାଦ କରଦାତାମାନଙ୍କର ଉପକାର ସକାଶେ ମିଉନିସିପାଲ ଅଫିସରେ ରଖା ହୋଇଅଛି । କରଦାତାମାନେ ଅଦ୍ୟଠାରୁ ତ ୧୪ ଦିନ ମଧ୍ୟରେ ପୂର୍ବାହ୍ଣ ୧୧ ଟାଠାରୁ ଅପରାହ୍ନ ୫ ଘଣ୍ଟା ମଧ୍ୟରେ ଉକ୍ତ ବଜେଟ ଦେଖି ପାରିବେ । ଯେଉଁ କରଦାତାମାନେ ଉକ୍ତ ଆୟ ବ୍ୟୟର ସମ୍ବନ୍ଧରେ କୌଣସି ପ୍ରସ୍ତାବ କରିବାକୁ ଇଚ୍ଛା କରନ୍ତି ତାହା ସେମାନେ ଉକ୍ତ ମିଆଦ ମଧ୍ୟରେ ଲେଖି ଦାଖଲ କରି ପାରିବେ ।

କଟକ ମିଉନିସିପାଲ ଅଫିସ ୨୭।୧।୦୪ — RAMSANKAR ROY, *Chairman*, Cuttack Municipality.

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ କି ଆମ୍ଭର ପିତା ପଣ୍ଡିତ ୰କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ ଓ ଅନୁବାଦିତ ଏବଂ ଆମ୍ଭ କୃତ ଓ ଅନୁବାଦିତ ତାବତୀୟ ପୁସ୍ତକମାନ ଆମ୍ଭର ବିନା ଅନୁମତିରେ କେହି କୌଣସି ଯନ୍ତ୍ରାଳୟରେ ଛପା କରାଇ ପାରିବେ ନାହିଁ । ଯେବେ କେହି ଛପା କରାନ୍ତି ତେବେ ଆମ୍ଭେ ବିଧିମତେ ତାହାଙ୍କଠାରୁ କ୍ଷତିପୂରଣ ନେବାକୁ ଯତ୍ନ କରିବୁଁ । ଇତି ।

୫।୨।୧୯୦୪ ଶ୍ରୀ ସୁଦର୍ଶନ ଦାସ ଶର୍ମା

## ନୂତନ ଲେଖିବାର କାଳୀ ।

ଲେଖିବା ସମୟରେ କାଳି ଶୁଖିଗଲେ କଳା ହୁଏ ଟେବଲରେ ଦେଲାକ୍ଷଣି ଏକାବେଳକେ ମିଶିଯାଏ, ଦୁଆତରେ କିଦନ୍ତ ବସେ ନାହିଁ ବ ଘଣିବାକୁ ହୁଏ ନାହିଁ ନମୁନା ମହଙ୍ଗି କଲା ଖରଚରେ ପଠାଇ ଦିଆଯାଏ ।

ପ୍ରାପ୍ତିସ୍ଥାନ
ଏଇଚ୍, ଦେ, ବାଲେଶ୍ୱର

Digitized by srujanika@gmail.com
Split by PDF Splitter

## ଉତ୍କଳଦୀପିକା ।

ଭାରତର ପ୍ଲେଗ ରୋଗର ମୃତ୍ୟୁ ଗତ ମାସ ତା ୨୩ ରିଖରେ ଶେଷ ହେବା ସପ୍ତାହରେ ୨୧,୯୦୩ ଥିଲା । ତତ୍ପୂର୍ବ ସପ୍ତାହର ଅଙ୍କ ୨୧, ୩,୦୨ ମାତ୍ର ସାମାନ୍ୟ ପ୍ରଭେଦ ଅଟେ । ମୋଟରେ ୨୦୦ ଊଣା ହେଲେହେଁ ବମ୍ବେଇ ପ୍ରଦେଶରେ ପ୍ରାୟ ଏକ ହଜାର ଏବଂ ଯୁକ୍ତପ୍ରଦେଶରେ ମୃତ୍ୟୁ ଶତ ବୃଦ୍ଧି ଏବଂ ବଙ୍ଗ, ପଞ୍ଜାବ ଓ ହାଇଦରାବାଦରେ ଊଣା ହୋଇଥିଲା ।

---

ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ବାବୁ ଶାରଦା ଚରଣ ମିତ୍ର କଲିକତା ହାଇକୋର୍ଟର ବିଚାରପତିପଦରେ ନିଯୁକ୍ତ ହୋଇଅଛନ୍ତି । ବିଚାରପତି ଶ୍ରୀଯୁକ୍ତ ଗୁରୁଦାସବନ୍ଦ୍ୟୋପାଧ୍ୟାୟ ଅବସର ଗ୍ରହଣ କରିବାରୁ ତାହାଙ୍କ ସ୍ଥାନରେ ଶାରଦା ବାବୁ ଭରତି ହୋଇଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କର ଏହି ନିଯୋଗ ଅତ୍ୟନ୍ତ ସନ୍ତୋଷଜନକ ଅଟେ । ଏଥିପୂର୍ବେ ଶାରଦାବାବୁ ଏକ୍ଟିଂ ବିଚାରପତି ସ୍ୱରୂପ କାର୍ଯ୍ୟ କରିବାଦ୍ୱାରା ସକଳ ସମ୍ପ୍ରଦାୟର ଲୋକଙ୍କର ସନ୍ତୋଷ ଭାଜନ ହୋଇଥିଲେ ।

---

କଲିକତା ହାଇକୋର୍ଟର ବିଚାରପତି ଶ୍ରୀଯୁକ୍ତ ପ୍ରାଟସାହେବ ବଙ୍ଗଦେଶର ଜଜ ଅଦାଲତ ସମୂହ ପରିଦର୍ଶନ କରିବାର ଭାରପ୍ରାପ୍ତ ହୋଇଅଛନ୍ତି ଏବଂ ଏଥିମଧ୍ୟରେ ସେ ଭାଗଲପୁରକୁ ଯାତ୍ରା କରିଅଛନ୍ତି । ମୋଫସଲର ଅଦାଲତମାନ ପରିଦର୍ଶନ କରିବା ହାଇକୋର୍ଟର ଗୋଟିଏ ପ୍ରଧାନ କାର୍ଯ୍ୟ ଅଟେ । ମାତ୍ର ବିଚାରପତିମାନଙ୍କ ସଂଖ୍ୟା ଊଣା ଥିବା ହେତୁ ବିଚାର କାର୍ଯ୍ୟର ଅବସର ଅଭାବରେ ବହୁତଦିନ ହେଲା ସେ କାର୍ଯ୍ୟ ହୋଇ ନ ଥିଲା । ପ୍ରଧାନ ବିଚାରପତି ମହାଶୟଙ୍କର ବିଶେଷ ଯତ୍ନରେ ଜଣେ ଅଧିକା ବିଚାରପତି ନିଯୁକ୍ତ ହେବାଦ୍ୱାରା ଏ ସୁଯୋଗ ଘଟିଅଛି ଏହାଦ୍ୱାରା ଅନେକ ଉପକାର ହେବ ସନ୍ଦେହ ନାହିଁ ।

---

ଗତ ତା ୨୭ ରିଖର କଲିକତା ଗେଜେଟରେ ପାଠ୍ୟ, ପୁସ୍ତକାଳୟ ଏବଂ ପୁରସ୍କାର ଯୋଗ୍ୟ ପୁସ୍ତକ ସମୂହର ଏକ ତାଲିକା ପ୍ରକାଶିତ ହୋଇଅଛି ଏବଂ ତହିଁରେ ନୂତନ ପଦ୍ଧତି ଅବଲମ୍ବନ ନ କରିବା ସ୍କୁଲମାନଙ୍କରେ ଏବଂ ହାଇ ସ୍କୁଲ ଉପର ଶ୍ରେଣୀରେ ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କର ଓଡ଼ିଆ ସଂସ୍କୃତ ବ୍ୟାକରଣ ୧ମ ଭାଗ ଏବଂ ନୂତନ ପଦ୍ଧତି ଅବଲମ୍ବନ କରିବା ସ୍କୁଲମାନଙ୍କରେ ମାହମେଲନ ହୋମ୍ମାମାଙ୍କ କୃତ ମଧ୍ୟଭର୍ଣ୍ଣାକ୍ୟୁଲର ଭୂଗୋଳ ପାଠ ପାଠ୍ୟ ପୁସ୍ତକ ମଧ୍ୟରେ ଧାର୍ଯ୍ୟ ହୋଇଅଛି । ପରନ୍ତୁ ବାବୁ ନନ୍ଦକିଶୋର ବଳଙ୍କ ପଞ୍ଚଚିତ୍ର ଓ ବାବୁ ନାରାୟଣ ମିଶ୍ରଙ୍କ ଅଭିଷେକୋତ୍ସବ ପୁରସ୍କାର ପୁସ୍ତକାଳୟର ଉପଯୋଗୀ ପୁସ୍ତକ ମଧ୍ୟରେ ପରିଗଣିତ ହୋଇଅଛି ।

---

ଶ୍ରୀ ବାବୁ ମଧୁସୂଦନ ଦାସ ସି, ଆଇ, ଇଙ୍କ ଅଭ୍ୟର୍ଥନା ସକାଶେ ଏଠା ଜୁବିଲି ପାର୍କରେ ଯେଉଁ ସଭା ମଣ୍ଡପ ପ୍ରସ୍ତୁତ ହୋଇଥିଲା ତହିଁରେ ଗତ ରବିବାରଠାରୁ ତିନିଦିନ କାଳ କୋଠପଦାର ଦଳ ଥିଏଟର କରିଥିଲେ ଏବଂ ମଧୁବାବୁ ସ୍ୱୟଂ ଗତ ସୋମବାର ଦିନ ଥିଏଟର ଦେଖିବାକୁ ଆସି ଅଭିନେତୃବର୍ଗଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦୁଇଦିନ 'ଯୁଗଧର୍ମ' ଓ ତୃତୀୟ ଦିନ 'କଳିକାଳ'ର ଅଭିନୟ ହୋଇଥିଲା ଏବଂ ଅଭିନୟ ଉତ୍ତମ ଓ ପ୍ରୀତିଜନକ ଥିବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଦର୍ଶକଙ୍କ ସଂଖ୍ୟା ଆଶାନୁରୂପ ଅଧିକ ହୋଇ ନ ଥିଲେ ସୁଦ୍ଧା ତହିଁରେ ହତାଶ ହେବାର କୌଣସି କାରଣ ନାହିଁ । ଅଭିନେତାମାନେ ଟିକଟ ବିକ୍ରୟଦ୍ୱାରା ଅଭିନୟ ଦେଖାଇବାର ଏହା ପ୍ରଥମ ଉଦ୍ୟମ ଅଟଇ । ଦର୍ଶକମାନେ ଏକ ବାକ୍ୟରେ ଅଭିନୟର ପ୍ରଶଂସା କରିଥିବା ସ୍ଥଳେ ଭବିଷ୍ୟତକୁ ଅଧିକ ଲାଭ ହେବାର ସମ୍ପୂର୍ଣ୍ଣ ଆଶା ଅଛି । ଆମ୍ଭେମାନେ ଭରସା କରୁଁ ମହନ୍ତ ଅପଣା ଅଧ୍ୟବସାୟରେ ତିଳମାତ୍ର ତ୍ରୁଟି କରିବେ ନାହିଁ । ଅଦୃଷ୍ଟଲୁମାସ୍ତିମାନଙ୍କ ବେଶ ଭୂଷା ଓ ନୃତ୍ୟାଦିର ବିଶେଷ ଉନ୍ନତି ହୋଇଥିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଅଭିନୟ ମଧ୍ୟ ପୂର୍ବାପେକ୍ଷା ଭଲ ହୋଇଅଛି ।

---

ପ୍ରଜାବନ୍ଧୁରୁ ଅବଗତ ହେଲୁଁ ଯେ ଗଞ୍ଜାମଜିଲ୍ଲା ବଙ୍ଗଳା ସଙ୍ଗେ ମିଶାଇବା ବିଷୟକ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ବିଫଳ କରିବାର ଭାରି ଚେଷ୍ଟା ସେ ଜିଲ୍ଲାର ତେଲଙ୍ଗାମାନେ କରୁଅଛନ୍ତି । ଗଞ୍ଜାମ ଉତ୍କଳସୀମା ରାଜ୍ୟ ହେଲେହେଁ ସେଠାରେ ତେଲଙ୍ଗାମାନଙ୍କର ପ୍ରତାପ ଭାରି କାରଣ ସେମାନେ ସରକାରୀ କଚେରୀ ଏବଂ ରାଜା ଜମିଦାରମାନଙ୍କ ସେରସ୍ତାରେ ବଡ଼ ବଡ଼ ଚାକିରୀରେ ଅଛନ୍ତି । ଓଡ଼ିଶା ସଙ୍ଗେ ସେ ଜିଲ୍ଲା ମିଶିଗଲେ ସେମାନଙ୍କର ଚାକିରୀ ପାଇବାର ସୁବିଧା ରହିବ ନାହିଁ ଏହାହିଁ ସେମାନଙ୍କର ଆଶଙ୍କା । ଏଥିପାଇଁ ସେମାନେ ନାନା କୌଶଳରେ ଓଡ଼ିଆମାନଙ୍କୁ ଶିଖାଇ ବା ଭୟ ଦେଖାଇ ସେ ଜିଲ୍ଲା ବଙ୍ଗଳା ସଙ୍ଗେ ନ ମିଶିବା ମର୍ମରେ ଦରଖାସ୍ତରେ ଦସ୍ତଖତ କରାଇ ନେଉଅଛନ୍ତି । ପ୍ରବଳପକ୍ଷ ନିକଟରେ ଦୁର୍ବଳପକ୍ଷର ସାହସ କେତେ । ଅତଏବ ଗବର୍ଣ୍ଣମେଣ୍ଟ ଯେ ସ୍ୱାଧୀନ ସାଧାରଣମତ ଲୋଡ଼ୁଅଛନ୍ତି ତାହା ମିଳିବା ସହଜ ନୁହେ । ତେଲେଙ୍ଗ ଶିକ୍ଷିତଲୋକଙ୍କର ସରକାରୀ ଚାକିରୀ ପାଇବା ଆଶା ବର୍ତ୍ତମାନ ଆନ୍ଦୋଳନର ମୂଳ ହୋଇଅଛି । ଆମ୍ଭେମାନେ ଆଶା କରୁଁ କି ଜିଲ୍ଲାହାକିମମାନେ ସତର୍କତା ସହିତ ସମସ୍ତ ଦିଗ ବିବେଚନା କରି ସାଧାରଣ ମତ ସ୍ଥିର କରିବେ, କେବଳ ଦସ୍ତଖତର ସଂଖ୍ୟାରେ ନିର୍ଭର କରିବେ ନାହିଁ । ସ୍ୱାକ୍ଷରକାରୀଙ୍କର ଉତ୍ତମ ପରିଚୟ ନେଲେ ପ୍ରକୃତ କଥା ଗୋପନ ରହିବ ନାହିଁ

---

ଗତ ନବମ୍ବର କିସ୍ତ ଖଜଣା ବାକି ମହାଲମାନଙ୍କର ନିଲାମି ତାରିଖ ଗତ ସୋମବାରଦିନ ଧାର୍ଯ୍ୟ ହୋଇଥିଲା । ସେହି କିସ୍ତ ତାରିଖରେ ପ୍ରାୟ ଦୁଇଶତ ମହାଲର ଖଜଣା ଦାଖଲରେ ତ୍ରୁଟି ହୋଇଥିଲା । ତନ୍ମଧ୍ୟରୁ ଅଧିକାଂଶ ମହାଲର ବାକି ପାଉଣା କଲେକ୍ଟର ସାହେବ ଅନୁଗ୍ରହପୂର୍ବକ ଗ୍ରହଣ କରିବାରୁ ୧୮୭ ମହାଲ ନିଲାମ ଫର୍ଦ୍ଦରେ ଉଠିଥିଲା ଓ ଗତ ତା୨୭ରିଖ ପର୍ଯ୍ୟନ୍ତ ବାକି ଖଜଣା ଗ୍ରହଣ କରିବା କାରଣ ସାହେବ ମହୋଦୟ ଆଦେଶ ଦେଇଥିଲେ । ତହିଁରେ ୯୬ ମହାଲର ପାଉଣା ଆଦାୟ ହୋଇ ଅବଶିଷ୍ଟ ୯୧ ମହାଲ ନିଲାମରେ ଆସିଥିଲା । ନିଲାମ ତାରିଖରେ କଲେକ୍ଟର ସାହେବ ମହୋଦୟ ୭୫ ମହାଲର ବାକି ଖଜଣା ଗ୍ରହଣ କଲେ ଏବଂ କେବଳ ଅବଶିଷ୍ଟ ୧୬ ମହାଲ ନିଲାମ ହେଲା । ଟ ୩୯୮୧ ଙ୍କା ସଦରଜମାର ଗୋଟିଏ ମହାଲ ୨୫ ଗୁଣାରେ ଏବଂ ଟ ୨୪୨୧ଙ୍କା ସଦରଜମା ଗୋଟିଏ ମହାଲ ୫ ଗୁଣାରେ ନିଲାମ ହୋଇଥିଲା ! ସର୍ବାପେକ୍ଷା ଅଧିକ ସଦରଜମା ଟ ୧୨୯୦୧ଙ୍କା ର ଗୋଟିଏ ମହାଲ ୧୧ ଗୁଣାରେ ଅଧିକାଂଶ ମହାଲ ୮ଠାରୁ ୧୮ଗୁଣା ମଧ୍ୟରେ ଏବଂ କେବଳ ଟ ୧୦ ଙ୍କାରୁ ଊଣା ଯୋଡ଼ିଏ ମହାଲ ପ୍ରାୟ ୪୦ ଗୁଣାରେ ନିଲାମ ହୋଇଥିଲା । ୧୬ ମହାଲ ମଧ୍ୟରୁ ୧୧ ମହାଲ ୧୦ ଗୁଣର ଅଧିକ ମୂଲ୍ୟରେ ନିଲାମ ହୋଇଥିଲା । ଏଥିରୁ ବୁଝା ଯାଉଅଛି ଯେ ଜମିଦାରୀର ମୂଲ୍ୟ ବର୍ତ୍ତମାନ ୧୦।୧୨ ଗୁଣାରୁ ଅଧିକ ନୁହେଁ ! ମାତ୍ର ଏ ବନ୍ଦୋବସ୍ତ ପୂର୍ବେ ୨୦।୨୫ ଗୁଣ ମୂଲ୍ୟ ଥିଲା ! କଲେକ୍ଟର ସାହେବ ଏତେ ଅନୁଗ୍ରହ ପ୍ରକାଶ କରୁ ନ ଥିଲେ ଅନେକ ମହାଲ ନିଲାମ ହେଉଥାନ୍ତା ?

---

Split by PDF Splitter
Digitized by srujanika@gmail.com

ମେଦିନୀପୁର ଜିଲ୍ଲାରେ ଡକାଏତ ଅତ୍ୟାଚାର ବିଶେଷ ବୃଦ୍ଧି ହେବାର ଶୁଣି ମେଦିନୀ ବାନ୍ଧବରୁ ଦୁଃଖର ସହିତ ଅବଗତ ହେଲୁଁ । ସହଯୋଗୀ ସେହି ଜିଲ୍ଲାରେ ଖଡ୍ଗପୁର ଥାନାରେ ଜ ୩ ମୂର ଏବଂ ନାରାୟଣଗଡ଼ ଥାନାରେ ଜ ୪॰ ମୂର ଡକାଏତି ନିକଟରେ ଘଟିଥିବାର ବିସ୍ତାରିତ ବିବରଣ ପ୍ରକାଶ କରିଅଛନ୍ତି । ଡକାଏତମାନେ ୩॰।୪॰ ଜଣ ଦଳବଦ୍ଧ ହୋଇ ତରବାରି, ଟାଙ୍ଗି ଖାବଳ, ଲାଠି ପ୍ରଭୃତି ଅସ୍ତ୍ରମାନ ନେଇ ମଶାଲ ଜାଳି ହୋଲାହଲ ପୂର୍ବକ ଅର୍ଦ୍ଧରାତ୍ର ଅଥବା ତହିଁପୂର୍ବେ ଏକ ୨ ଧନବାନ ବ୍ୟକ୍ତିର ଘରେ ପଡ଼ି ନିର୍ଦ୍ଦୟରେ କବାଟ ଭାଙ୍ଗି ଘର ମଧ୍ୟରେ ପଶି ଦ୍ରବ୍ୟାଦି ଲୁଟି ନେଇ ଚାଲିଯାଉଅଛନ୍ତି । ଏକ ୨ ବସ୍ତା ଲେଖାପଥର ସଙ୍ଗେ ରଖିଅଛନ୍ତି ଯେ ଗ୍ରାମବାସୀ କେହି ନିକଟସ୍ଥ ହେଲେ ତାହାକୁ ଫୋପାଡୁଅଛନ୍ତି । ସେ ଭୟରେ କେହି ସେମାନଙ୍କୁ ଧରିବାର କେଶିକି ଆଉ ନିକଟସ୍ଥ ହୋଇପାରୁ ନାହାନ୍ତି । ଚୌକିଦାର ଦଫାଦାର ମଧ୍ୟ ଭୟରେ ଲୁଚି ରହିବାର କଥିତ ହୁଏଇ । ନାରାୟଣଗଡ଼ର ଏକ ଡକାଏତିରେ ଘରବାଲା ଦଫାଦାର ପ୍ରଭୃତି ଜ ୩ ଣ ଡକାଏତଦଳର ଜ ୩ ଣକୁ ଆକ୍ରମଣ କରି ଲାଠି ପ୍ରହାରରେ ଅସ୍ଥିର କରିଥିଲେ । ମାତ୍ର ଅନ୍ୟ ଡକାଏତମାନେ ସେମାନଙ୍କୁ ମାଡ଼ପିଟରେ ପରାସ୍ତ କରି ଜଖମି ଡକାଏତମାନଙ୍କୁ କାନ୍ଧେଇ ନେଇ ଚାଲିଗଲେ । ପୁଲିସ ଅନୁସନ୍ଧାନ କରି ଏ ପର୍ଯ୍ୟନ୍ତ ସେମାନଙ୍କୁ ଧରି ପାରି ନାହାନ୍ତି । ଆମ୍ଭେମାନେ ଆଶା କରୁଁ ଏ ଘଟନାମାନ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରିଅଛି ଏବଂ ଶୀଘ୍ର ପ୍ରତିକାର ହେବ । କେବଳ ଚୌକିଦାରୀ ଟିକସ ନେଇ ପୁଣି ସର୍ବସ୍ୱ ହରାଇବା ବଡ଼ ଦୁଃଖର କଥା ।

—— ——

ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବା ପ୍ରସଙ୍ଗରେ ଜଣେ ଭଦ୍ରଲୋକ ବାବୁ ମଧୁସୂଦନ ଦାସ ସି, ଆଇ, ଇ, ଙ୍କ ସହିତ କଥାବାର୍ତ୍ତା କରିଥିବାର ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇ ଥିଲୁଁ । ସେହି ଭଦ୍ରଲୋକ ଶ୍ରୀଯୁକ୍ତ ପାଦ୍ରି ହବେଲ ସାହେବ ଅଟନ୍ତି । ଉତ୍କଳ ସଭାରୁ ଯେଉଁ ଆବେଦନ ପତ୍ର ଗବର୍ଣ୍ଣମେଣ୍ଟକୁ ପଠାଯାଇଅଛି ତାହା ପ୍ରସ୍ତୁତ କରିବା ଏବଂ ପ୍ରଦାନ କରିବା ସମିତିର ସେ ଜଣେ ସଭ୍ୟ ଥିଲେ ଏବଂ ଗତ ଅକ୍ଟୋବର ମାସର ଯେଉଁ ସାଧାରଣ ସଭାରେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା ସେ ସଭାର ସେ ଜଣେ ପ୍ରଧାନ ବକ୍ତା ଥିଲେ । ସମ୍ପ୍ରତି ଯେବେ ତାହାଙ୍କର ମତ ଫେରିଅଛି ଓ ଆଉ ଦୁଇ ଚାରିଜଣ ତାହାଙ୍କର ସଙ୍ଗୀ ହୋଇଅଛନ୍ତି, ତେବେ ସେ କ୍ଷମା ତାହାଙ୍କର ସଙ୍ଗୀମାନଙ୍କର ଆଉ ଗୋଟିଏ ସଭା ଡକାଇ ପୂର୍ବସ୍ଥିର କରିବା ଉଚିତବୋଲି ମଧୁବାବୁ ତାହାଙ୍କୁ କହିଥିଲେ । ମାତ୍ର ସେ କହିଲେ ଯେ ଏଠାରେ ସଭା କଲେ ମଧୁବାବୁଙ୍କ ବିରୁଦ୍ଧରେ କେହି ମତ ଦେବେ ନାହିଁ ଏବଂ ମଧୁବାବୁ ସଭା ଡାକିଲେ ଭଲ ହେବବୋଲି କହିଲେ । ଏ ବଡ଼ ଆଶ୍ଚର୍ଯ୍ୟର କଥା । ମଧୁବାବୁ ହବେଲ ସାହେବଙ୍କପରି ଜଣେ ସଭ୍ୟମାତ୍ର ଅଟନ୍ତି ଓ ଯଦ୍ୟପି ସେ ଉତ୍କଳ ସଭାର ଉପସଭାପତି ଅଟନ୍ତି ମାତ୍ର ଅକ୍ଟୋବରମାସର ସଭା ସାଧାରଣ ସଭା ଥିଲା । ଉତ୍କଳ ସଭା କେବଳ ତାହା ଆହ୍ୱାନ କରିଥିଲେ । ମଧୁବାବୁଙ୍କର ମତ ପରିବର୍ତ୍ତନ ହୋଇ ନାହିଁ ଏବଂ ତାହା କେବଳ ସେହି ସଭାର ସ୍ୱରୂପ ସାଧାରଣ ସଭାର ମତ ବିରୁଦ୍ଧରେ କାର୍ଯ୍ୟ କରିବାର ଅଧିକାର ନାହିଁ । ସଭାରେ ଯାହା ଧାର୍ଯ୍ୟ ହୋଇଅଛି ତହିଁର ପରିବର୍ତ୍ତନ କେବଳ ସଭାଦ୍ୱାରା ହୋଇପାରେ । ତଥାପି ସେ ଆଉ ଥରେ ସଭା ଡକାଇ ମତ ନେବା ଆବଶ୍ୟକ ମନେ କରନ୍ତି, ଶ୍ରୀଯୁକ୍ତ ହବେଲଙ୍କର ସାହେବଙ୍କୁ ପତ୍ରଦ୍ୱାରା ସେ ସ୍ପଷ୍ଟ ଉତ୍ତର ଦେଲେ ଯେ ସେପରି କରିବାର ଆବଶ୍ୟକ ନାହିଁ । ସୁତରାଂ ହବେଲ ସାହେବଙ୍କର ଯୁକ୍ତି କୌଣସିମତେ ସୁସଙ୍ଗତ ବୋଲାଯାଇ ନ ପାରେ । ଆଉ ଯେବେ ତାହାଙ୍କ ଜାଣିବାରେ ମଧୁବାବୁଙ୍କ ମତର ଓଲଟା ମତ ହେବାର କେହି ଲୋକ ଏ ନଗରରେ ନାହାନ୍ତି ତେବେ ସଭା କରିବାର ପ୍ରୟୋଜନ କି ? ସେ ଏତେଦିନ ଏ ନଗରରେ ବାସ କରି ନାନାସଭା ସମିତିର ଏଠା ଭଦ୍ରଲୋକଙ୍କ ସଙ୍ଗେ ଏକାଠି ବସି କି ଏହି ଜ୍ଞାନ ଅର୍ଜ୍ଜନ କରିଅଛନ୍ତି ? ଏବା ଯେବେ ତାହାଙ୍କର ଏକାନ୍ତ ବିଶ୍ୱାସ ଏବଂ କେଉଁଠି ଜାଗତ ପକ୍ଷ ପ୍ରକାଶରେ ସାହାଯ୍ୟ କରିବା ଯଥେଷ୍ଟ ଜ୍ଞାନ କରୁଅଛନ୍ତି ତେବେ ସେହି କଥା ଲେଖି ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାଇଦେଉନ୍ତୁ । ତାହାଙ୍କ ସଙ୍ଗିମାନେ ଏଣୁତେଣୁ ସ୍ୱାକ୍ଷର ସଂଗ୍ରହ କରିବାର ଯେଉଁ ଚେଷ୍ଟା କରୁଅଛନ୍ତି ତହିଁରୁ ଶାନ୍ତ ହେବାପାଇଁ ସେମାନଙ୍କୁ ଉପଦେଶ ଦେଉନ୍ତୁ ।

—※—

## ଉତ୍କଳର ଅମଙ୍ଗଳ ଚିନ୍ତା ।

ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଥିଲୁ ଯେ ଉତ୍କଳକୁ ମଧ୍ୟପ୍ରଦେଶର ଶାସନ ସଙ୍ଗେ ଯୋଗ କରିବା ନିମିତ୍ତ କେହି ୨ ଖଣ୍ଡେ ଏ ଆବେଦନପତ୍ର କେତେକ ଲୋକଙ୍କର ସ୍ୱାକ୍ଷର କରାଇ ଗବର୍ଣ୍ଣମେଣ୍ଟକୁ ପଠାଇବାର ଚେଷ୍ଟାରେ ଅଛନ୍ତି । ସେହି ଆବେଦନପତ୍ର ପ୍ରସ୍ତୁତ ହୋଇ ସ୍ୱାକ୍ଷର ହେଉଅଛି କି ନାହିଁ ଏ ପର୍ଯ୍ୟନ୍ତ ଅମ୍ଭେମାନେ ଜାଣିପାରି ନାହୁଁ । ମାତ୍ର ଏଥିମଧ୍ୟରେ ଖଣ୍ଡ ଏ ଇଂରେଜୀ ଛପାକାଗଜ ବଣ୍ଟା ହେବାର ଦେଖିଅଛୁଁ । ତାହାର ନାମ ହୋଇଅଛି 'ସମ୍ଭ ଓଡ଼ିଶାକୁ ଏକଜଣ ପ୍ରଧାନ କମିଶନର ଅଥବା ମଧ୍ୟପ୍ରଦେଶର କରିବାର ହେତୁବାଦ' । ଏଥିରେ ଯେ ସମସ୍ତ ହେତୁ ପ୍ରଦର୍ଶିତ ହୋଇ ଅଛି ତାହା 'ପ୍ରାର୍ଥନା' ପୁସ୍ତିକା ଲିଖିତ ହେତୁମାନଙ୍କ ସଙ୍ଗେ ସମାନ ଏବଂ ଉଭୟ ଏକ ଅଭିନ୍ନ ବ୍ୟକ୍ତି ବା ବ୍ୟକ୍ତିମାନଙ୍କର ରଚନା କେବଳ ଭାଷାର ପ୍ରଭେଦ । 'ପ୍ରାର୍ଥନା'ର ପ୍ରଦର୍ଶିତ ଯୁକ୍ତି କରୁଣ ବିଷୟରେ ଏ ସପ୍ତାହରେ କିଛି ଲେଖିବାକୁ ଇଚ୍ଛା କରିଥିଲୁଁ । ମାତ୍ର 'ସ୍ୱାଧୀନ ଜଳାଟା' ନାମରେ ଖଣ୍ଡେ ଏ ପୁସ୍ତିକା ଏ ସପ୍ତାହରେ ତାହାର ବିସ୍ତୃତ ଦଣ୍ଡା ହୋଇଥିବାର ଦେଖି ସେ ସମ୍ବନ୍ଧରେ ଆଉ କିଛି କହିବାର ପ୍ରୟୋଜନ ଦେଖୁ ନାହୁଁ । ପାଠକମାନେ ଉଭୟ ପୁସ୍ତିକା ପଢ଼ି ଅନାୟାସରେ ନିଜ ୨ ମତ ସ୍ଥିର କରି ପାରିବେ ଅମ୍ଭେମାନେ କେବଳ ଏତିକି କହିବା ଆବଶ୍ୟକ ବିବେଚନା କରୁଁ କି ସ୍ୱମତକୁ ଆଣିବା କାରଣ ଛଦ୍ମପତ୍ର ସବଲମ୍ବନରେ ସତ୍ୟକଥା ପ୍ରକାଶ କଲେ ତହିଁରେ କେହି ଦୋଷ ଦେଇ ନ ପାରେ । ମାତ୍ର ଅପ୍ରକୃତ କଥା କହି ଲୋକଙ୍କୁ ଭୁଲାଇବାର ଚେଷ୍ଟା କାହିଁକି ? ଏହାର ସରଳମାର୍ଗ କୁହନ୍ତି ଏବଂ ସେପରି ମାର୍ଗରେ ଯିବା ନିନ୍ଦନୀୟ । ଅମ୍ଭେମାନେ ଗତ ସପ୍ତାହରେ ଦେଖାଇଅଛୁଁ ଯେ ଅନ୍ତତଃ ୩॰ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା ଯେ କେତେକାଳରୁ ଓଡ଼ିଆ ଭାଷାର ପୁଷ୍ଟି ଏବଂ ଓଡ଼ିଆଙ୍କର ଉନ୍ନତିର ଚିନ୍ତାର ସୂତ୍ରପାତ ହୋଇଅଛି କେତେକାଳରୁ ଉତ୍କଳର ହିତାକାଂକ୍ଷୀ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ଉତ୍କଳବାସୀ ଗଞ୍ଜାମ ଓ ସମ୍ବଲପୁରକୁ ବଙ୍ଗଶାସନାଧୀନ ଓଡ଼ିଶା ସଙ୍ଗେ ମିଶାଇବା ଉଚିତ ବୋଲି କହି ଆସୁଅଛନ୍ତି ଏବଂ ସେହି ଅଭିପ୍ରାୟ ପୁନଃ ୨ ଗବର୍ଣ୍ଣମେଣ୍ଟରେ ପ୍ରକାଶ କରି ଆସୁଅଛନ୍ତି । ସମ୍ବଲପୁରର ଲୋକମାନେ ମଧ୍ୟ ବଙ୍ଗାନ୍ତର୍ଗତ ଓଡ଼ିଶା ସଙ୍ଗେ ମିଶିବାକୁ କେତେ ଥର ଆଗ୍ରହ ପ୍ରକାଶ କରି ନାହାନ୍ତି । ବରଂ ଯେତେବେଳେ ସେଠାରୁ ସରକାରୀ ଦରବାର ସମ୍ବନ୍ଧରୁ ଓଡ଼ିଆ ଭାଷା ଉଠିଗଲା ସେତେବେଳେ ଏବଂ ପୁନର୍ବାର ଆନ୍ଦୋଳନ ହେବା ଓଡ଼ିଆଭାଷା ପୁନଃ ପ୍ରଚଳିତ ହେବା କାଳରେ ସେହି ଇଚ୍ଛା ପ୍ରକାଶ କରିଥିଲେ । ଏତେବେଳେ ସୁଦ୍ଧା ସେମାନେ ସେହି କଥା କହୁଅଛନ୍ତି । ଗଞ୍ଜାମ ଓଡ଼ିଶା ସଙ୍ଗେ ମିଶିବା କାରଣ ଗବର୍ଣ୍ଣମେଣ୍ଟରେ ଆବେଦନ କରନ୍ତୁ । ସେ ପ୍ରସଙ୍ଗରେ ଏ ନଗରରେ ଯେଉଁ ସଭା ହୋଇଥିଲା ତହିଁରେ ସମସ୍ତ ଓଡ଼ିଶା ବା ଉତ୍କଳଭାଷୀ ରାଜ୍ୟ ସକାଶେ ଜଣେ ସ୍ୱତନ୍ତ୍ର ଚିଫ କମିଶନର ହେବା ଓ ନୋହିଲେ ବଙ୍ଗଳା ସଙ୍ଗେ ମିଶିବାର

Split by PDF Splitter



ସିଦ୍ଧାନ୍ତ ହୋଇଥିଲା ଏବଂ ତଦନୁସାରେ ଅନେକ ଜନପକ୍ଷ ଯାଉଅଛି । ବଙ୍ଗଳା ସଙ୍ଗେ ମିଶିବାଠାରୁ ମଧ୍ୟପ୍ରଦେଶ ସଙ୍ଗେ ମିଶିବା ଭଲ ଏହା କେହି କହି ନାହିଁ ଏବଂ 'ଦେଶୁବାଦ'ର ଲେଖକ ମଧ୍ୟ ସ୍ୱୀକାର କରୁଅଛନ୍ତି କି ବଙ୍ଗଳା ସପକ୍ଷରେ ମତର ଆଧିକ୍ୟ ଥିଲା । ତହିଁ ଉତ୍ତାରୁ ଯେତେବେଳେ 'ପାଓ୍ୱୋନିୟର' ଓ 'ଇଂଲିସମାନ' ସମ୍ବାଦପତ୍ରମାନଙ୍କରେ ଗବର୍ଣ୍ଣମେଣ୍ଟ ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବାକୁ ଇଚ୍ଛା କରନ୍ତି ବୋଲି ପ୍ରକାଶ ହେଲା ସେତେବେଳେ ଓଡ଼ିଶାବାସିଙ୍କର ମହା ଆତଙ୍କ ଜାତହେଲା ଏବଂ ଗତ ନବେମ୍ବର ମାସରେ ମାନ୍ୟବର ବଡ଼ଲାଟଙ୍କର ଏ ନଗରକୁ ଶୁଭାଗମନ ହୋଇଥିଲେ ପ୍ରକାଶ୍ୟ ସଭାରେ ତାହାଙ୍କୁ ସେ କଥା ଜଣାଇ ସେ ବିପଦରୁ ରକ୍ଷା ପାଇବା କାରଣ ତାହାଙ୍କୁ ପ୍ରାର୍ଥନା କରିଥିଲେ । ଲେଖକ କହୁଅଛନ୍ତି କି ଅଭିନନ୍ଦନପତ୍ର ପ୍ରସ୍ତୁତ ହେବାବେଳେ କମିଟିରେ ସେ ବିଷୟରେ ମତଭେଦ ଘଟିଥିଲା । ମାତ୍ର ସେ ମତଭେଦର ପ୍ରକୃତ କାରଣଟି ନ ଦେଖି ଲୋକଙ୍କ ଆଖିରେ ଧୂଳି ପକାଇବାଦ୍ୱାରା ଆପଣାର ଉଦ୍ଦେଶ୍ୟସାଧନର ଚେଷ୍ଟା କରୁଅଛନ୍ତି । କମିଟିରେ କେବଳ ଏତିକି ପ୍ରଶ୍ନ ଉଠିଥିଲା କି ନିକଟରେ ସେ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଅନେକ ପକ୍ଷ ଯାଇ ଉତ୍ତର ଆସିଥିବା ସ୍ଥଳେ ଅଭିନନ୍ଦନପତ୍ରରେ ସେ ପ୍ରସଙ୍ଗର ଉଲ୍ଲେଖ କରିବା ଉଚିତ କି ନା ? କେତେକ ସଭ୍ୟ ଆବଶ୍ୟକ ନ ଥିବାର ମତ ଦେଲେ ମାତ୍ର ଅଧିକାଂଶଙ୍କ ମତରେ ଆବଶ୍ୟକ ଥିବାର ଧାର୍ଯ୍ୟ ହେଲା ଏବଂ ତଦନୁସାରେ ଲେଖାଗଲା । ଯେଉଁ ଅଳ୍ପଲୋକ ଆବଶ୍ୟକ ନ ଥିବାର ମତ ଦେଇଥିଲେ ସେମାନେ ଓଡ଼ିଶା ମଧ୍ୟପ୍ରଦେଶକୁ ଯିବା ଭଲ ଏପରି କେହି କହି ନ ଥିଲେ । ବାସ୍ତବରେ ସମସ୍ତେ ଏକମତ ହୋଇଥିଲେ କେବଳ ତାହା ପୁନଶ୍ଚ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଦରଖାସ୍ତ କରିବା ବିଷୟରେ ମତଭେଦ ହୋଇଥିଲା । ପୁଣି ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହକ ସଭାରେ ବିସ୍ତର ମତଭେଦ ଘଟିବାର ଲେଖି ଲେଖକ ଅନ୍ତର ଗୋଟିଏ ଅସତ୍ୟଭାବ ପରିଚୟ ଦେଇଅଛନ୍ତି । ମଧ୍ୟପ୍ରଦେଶରେ ଓଡ଼ିଶା ମିଶିଲେ ଭଲ ହେବ ଏପରି ପ୍ରସ୍ତାବ କେହି ସେ ସଭାରେ ଉପସ୍ଥିତ କରି ନ ଥିଲେ କିମ୍ବା ଅଧିକାଂଶ ମତ ତହିଁ ସପକ୍ଷରେ ପ୍ରକାଶ ହୋଇ ନ ଥିଲା । ଶେଷ କମିଟି ପୂର୍ବରୁ ବଙ୍ଗଳା ସଙ୍ଗେ ମିଶାଇବା କଥାଟା ଲେଖିବା ଅନାବଶ୍ୟକ ବୋଲି କେହି ପରାମର୍ଶ ଦେଇଥିବାରୁ ସେପରି ନିର୍ଦ୍ଧାରଣ ପ୍ରସ୍ତୁତ ହୋଇଥିଲା । ଏତେବେଳେ ଜଣା ଯାଉଅଛି ଯେ ପରାମର୍ଶ ଦାତା 'ସ୍ୱାର୍ଥନା' ଓ 'ଦେଶୁବାଦ'ର ଲେଖକ ବା ଜଣେ ପ୍ରଧାନ ପ୍ରବର୍ତ୍ତକ ଅଟନ୍ତି । ଯେବେ ଅନ୍ୟରୁ ତାହାଙ୍କର ସେପରି ଭାବ ଥିଲା ତେବେ କାର୍ଯ୍ୟନିର୍ବାହକ କମିଟିରେ ତାହା ସ୍ପଷ୍ଟାକ୍ଷରରେ ବ୍ୟକ୍ତ କରି ସିଦ୍ଧାନ୍ତ କରି ନେଇଥାନ୍ତେ । ତାହା ସେ ସାହସ ପୂର୍ବକ କରି ନାହାନ୍ତି ଅଥବା ଯେତେବେଳେ ଉକ୍ତ ନିର୍ଦ୍ଧାରଣ ସମ୍ମିଳନୀର ଅଧିବେଶନରେ ଆଗତ ହୋଇ ଧାର୍ଯ୍ୟ ହେଲା ସେତେବେଳେ ସେ ଆପତ୍ତି ଜଣାଇ ନାହାନ୍ତି । ଏତେ ଧର୍ମଶୀଳ ବ୍ୟକ୍ତି ଯେ ତେତେବଡ଼ ସଭାରେ ଉପସ୍ଥିତ ନ ଥିଲେ ଏହା କଦାପି ନୁହେ ଏବଂ ଯେବେ ସେ ସେ ସମୟରେ ନିଜର ମତ ପ୍ରକାଶ କରି ତହିଁର ବଳାବଳ ବୁଝି ନ ନେଲେ ତେବେ ବର୍ତ୍ତମାନ ତାହା ଘୋଷିବାର ପ୍ରୟୋଜନ କି ? ମୌନଂ ସମ୍ମତି ଲକ୍ଷଣଂ ଏହାଇ ସମସ୍ତେ ବୁଝନ୍ତି । ଇଣ୍ଡିୟା ଗବର୍ଣ୍ଣମେଣ୍ଟ ସମସ୍ତ ଉତ୍କଳଭାଷୀ ରାଜ୍ୟକୁ ଏକତ୍ର କରିବା ଓ ବଙ୍ଗର ଶାସନରେ ରଖିବାର ପ୍ରସ୍ତାବ କରୁଅଛନ୍ତି ? ଏଥିପାଇଁ ଯେବେ ସମ୍ମିଳନୀ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେଲେ ଏବଂ ଧନ୍ୟବାଦର ନିର୍ଦ୍ଧାରଣରେ ବିଶେଷ କିଛି ନ ଲେଖିଲେ ତେବେ କି ବୁଝିବାକୁ ହେବ ଯେ ପ୍ରସ୍ତାବର ଏକଅଂଶ ଛାଡ଼ି କେବଳ ଅପର ଅଂଶ ଅନୁମୋଦନ କଲେ ? ଏପରି କହିବା ବିଡମ୍ବନା ଭିନ୍ନ ଅନ୍ୟ କିଛି ନୁହେ । ଗଞ୍ଜାମ ଓ ସମ୍ବଲପୁରରୁ ଯେଉଁମାନେ ଆସିଥିଲେ ସେମାନେ ଏଠା ଲୋକଙ୍କ ପରି ଇଣ୍ଡିୟା ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବକୁ ଅନୁମୋଦନ କରିଅଛନ୍ତି ଏବଂ ବଙ୍ଗ ଶାସନଭୁକ୍ତ ହେବାପାଇଁ ବ୍ୟଗ୍ରତା ପ୍ରକାଶ କରୁଅଛନ୍ତି । ତଥାପି ଯେବେ କାହାରମନରେ ସନ୍ଦେହ ଥିବାର ଅନୁମାନ କରାଯାଏ ତେବେ ଗତ ଶନିବାରର ସଭାରେ ତାହା ସମ୍ପୂର୍ଣ୍ଣରୂପେ ଦୂର ହୋଇଅଛି । ସେ ସଭାରେ ଏକାଧିକ ବକ୍ତା ଦୃଢ଼ଭାବରେ ଓ ଯୁକ୍ତିସଙ୍ଗତ ହେତୁରେ ସମଗ୍ର ଉତ୍କଳଖଣ୍ଡ ବଙ୍ଗଶାସନାନ୍ତର୍ଗତ ହେବାର ବ୍ୟକ୍ତ କଲେ ଏବଂ ସହସ୍ରାଧିକ ଶ୍ରୋତା ଆନନ୍ଦ ସହକାରେ କରତାଳି ପ୍ରଦାନଦ୍ୱାରା ଅନୁମୋଦନ କରିଥିଲେ କେହି ଜଣେ ସୁଦ୍ଧା 'ନା' ଶବ୍ଦଟି ଉଚ୍ଚାରଣ କରି ନାହିଁ । ଏଥିଉତ୍ତାରୁ ଯେଉଁ ଲୋକ ବା କ୍ଷୁଦ୍ରଦଳ ପ୍ରକାଶ କରିବାକୁ ଚେଷ୍ଟା କରୁଅଛନ୍ତି କି ଅଧିକାଂଶ ଜାଣିବା ଶୁଣିବା ଲୋକଙ୍କ ମତ ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବା ସେମାନଙ୍କର ବୁଦ୍ଧି ଓ ସାହସକୁ ଧନ୍ୟ ! ଭାଇମାନେ ଏଥର ଶାନ୍ତ ହୁଅ ବିତଣ୍ଡା କରି ଗୃହବିଚ୍ଛେଦ ଜନ୍ମାଇବା ଭଲ ନୁହେ । ଆତ୍ମଜ୍ଞାନ ଓ ଆତ୍ମମର୍ଯ୍ୟଦା ଉପରେ ନିର୍ଭର କରି କାର୍ଯ୍ୟ କର । ବିକଳରେ ସବୁ ଗଡ଼ ପରସରେ ପଶିବାକୁ ମନ ବଳାଇବା ଭଲ ନୁହେ ଏବଂ ତହିଁରେ ମଙ୍ଗଳ ହେବ ନାହିଁ । ନୀତିକାର କହିଅଛନ୍ତି କି ଯେଉଁଠାରେ ରାଜା, ଧନୀ, ନଦୀ ବୈଦ୍ୟ ପ୍ରଭୃତି ନାହାନ୍ତି ସେଠାରେ ବାସ କରିବା ଉଚିତ ନୁହେ । ଓଡ଼ିଶା ଭାଗ୍ୟରେ ଯେବେ ସ୍ୱତନ୍ତ୍ର ରାଜା ବା ଶାସନକର୍ତ୍ତା ନ ଘଟେ ତେବେ କଲିକତାପରି ରାଜଧାନୀ ଗଙ୍ଗାପରି ନଦୀ ଏବଂ ବଙ୍ଗପ୍ରଦେଶର ବିସ୍ତର ଧନୀ ଓ ବିଖ୍ୟାତ ବୈଦ୍ୟ ସମ୍ପର୍କ ଛାଡ଼ି ଅନ୍ୟସ୍ଥାନ ଲୋଡ଼ିବା ଉଚିତ କି ? ଉପସ୍ଥିତ ସାକ୍ଷାତ ଲାଭ ଛାଡ଼ି ଭବିଷ୍ୟତର ସନ୍ଦେହଯୁକ୍ତ ଲାଭ ଲୋଡ଼ିବା ବୁଦ୍ଧିମାନର କାର୍ଯ୍ୟ ନୁହେ । ଆଉ ଜଣେକେବେଳେ କପାଳରେ କିଛି ଅଧିକ ସଉଦାଗିରି ଚାକିରି ବା ବ୍ୟବସାୟ ଘଟିଲେ ତାହାକୁ ସାଧାରଣ ଲାଭ ମନେ କରିବା ନିତାନ୍ତ ସଙ୍କୀର୍ଣ୍ଣତା । ପ୍ରଜାପୁଞ୍ଜର ହିତାହିତ ବିବେଚନା କରିବା ଉଚିତ । ପ୍ରଜାମାନେ ଖଜଣା ଓ ଟିକସ ଦେବାକୁ ଜନ୍ମ ହୋଇଅଛନ୍ତି ତାହାର ଛାଡ଼ ହେବ ନାହିଁ । ତେବେ ଯେଉଁଠାରେ ସେ ଭାର ଅଧିକ ନୁହେ ସେହି ସ୍ଥାନ ବାଞ୍ଛନୀୟ । ତାହା ଦେଖାଇବାର ଚେଷ୍ଟା ନ କରି ଆଉ ଯେତେ କହିଲେ କାହାର ମନ ମାନିବ ନାହିଁ । ବଙ୍ଗ ତୁଳନାରେ ମଧ୍ୟପ୍ରଦେଶର କର ଭାର ଅଧିକ ଏହା ସମସ୍ତଙ୍କ ଜଣାଅଛି

---

## ଅଭିବାଦନ ସଭା ।

ଏ ନଗରର ବିଖ୍ୟାତ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ ଉପାଧିଦ୍ୱାରା ଭୂଷିତ ହେବା ଏବଂ ତଦ୍ଦ୍ୱାରା ଉତ୍କଳର ମୁଖୋଜ୍ଜ୍ୱଳ ହେବା ହେତୁ ସେହି ଆନନ୍ଦ ପ୍ରକାଶ ନିମନ୍ତେ ଗୋଟିଏ ସାଧାରଣ [illegible] ହେବାର କଥା [illegible] ଥିଲା । ସେହି ସଭା [illegible] ସମୟରେ ଏଠା ନୂତନ [illegible] ନ୍ୟନ୍ତ ସମାରୋହ ସହିତ ହୋଇ[illegible] ଏବଂ ତହିଁର ସମସ୍ତ ବ୍ୟାପାର ଅତି ସୁନ୍ଦରରୂପେ ନିର୍ବାହ ହୋଇଥିଲା ଏ ସଭାର ଉଦ୍ଦେଶ୍ୟ ଯେମନ୍ତ ମହତ ରଚନା ତେମନ୍ତ ସୁରଞ୍ଜିତ ଏବଂ କାର୍ଯ୍ୟାବଳୀ ତେମନ୍ତ ଆନନ୍ଦପ୍ରଦ ହୋଇଥିଲା । ଏ ସମସ୍ତ ଅଂଶରେ ଏ ସଭା ସାଧାରଣ ସଭା ସମସ୍ତଙ୍କୁ ବଳି ଯିବାର ବୋଲିଯାଇ ପାରେ । ନୂତନ ଉଦ୍ୟାନର ଏକ ପ୍ରଶସ୍ତ ଦେଶରେ ବୃହତ୍ ଚନ୍ଦ୍ରାତପମାନଙ୍କଦ୍ୱାରା ଆଚ୍ଛାଦିତ ଏବଂ ପୁଷ୍ପ ପତାକାଦିଦ୍ୱାରା ସୁମଣ୍ଡିତ ମଣ୍ଡପ ରଚନା ହୋଇଥିଲା ଏବଂ ବିସ୍ତର କାଚର ଝାଡ଼ ଲଣ୍ଠନଦ୍ୱାରା ଆଲୋକିତ ହୋଇଥିଲା । ଚୌଧୁରୀବଜାର ଛକଠାରୁ ମଣ୍ଡପ ପର୍ଯ୍ୟନ୍ତ ସଡ଼କ ବାଟ ଅବଲଙ୍ଗ ଗ୍ଲାସଦ୍ୱାରା ଆଲୋକିତ ଏବଂ ପତାକା ପୁଷ୍ପାଦିଦ୍ୱାରା ସୁସଜ୍ଜିତ ହୋଇଥିଲା । ବସିବା କାରଣ ସତରଞ୍ଜି ଗାଲିଚ୍ଚ କରା ହୋଇଥିଲା ଏବଂ ଇଉରୋପୀୟ ଫିରଙ୍ଗି ଓ ଅନ୍ୟାନ୍ୟ ଭଦ୍ର ମହିଳା, ପୁରୁଷ ଏବଂ ପିଲାଙ୍କ ନିମନ୍ତେ ମଜଲିସର ଏକ ପାର୍ଶ୍ୱରେ ଚୌକିମାନ ସଜା ହୋଇଥିଲା । ସକଳ ସମ୍ପ୍ରଦାୟର ଲୋକ ଏଠେ ଉପସ୍ଥିତ ହୋଇ-

Digitized by srujanika@gmail.com

ଥିଲେ ଯେ ସ୍ଥାନଟି ପୂର୍ଣ୍ଣ ହୋଇଥିଲା ଏବଂ ଅନେକ ଲୋକ ଚତୁର୍ଦ୍ଦିଗରେ ଛିଡ଼ା ହୋଇ ଦେଖିବାକୁ ବାଧ୍ୟ ହୋଇଥିଲେ । ସଭାଟି ସର୍ବାଂଶରେ ଅବାରିତ ଥିଲା ଅର୍ଥାତ୍ ନାମଧେୟ ଆମନ୍ତ୍ରଣପତ୍ର ନ ହୋଇ ବିଜ୍ଞାପନଦ୍ୱାରା ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା । ତେଣୁ ଏତେ ଲୋକ ଜୁଣ୍ଟ ହୋଇଥିଲେ । ପ୍ରାୟ ପାଞ୍ଚ ହଜାର ଲୋକ ଏକତ୍ରିତ ହେବାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସନ୍ଧ୍ୟା ଘ ୬ ଟାର କିଛିଟ ପରେ ଶ୍ରୀଯୁକ୍ତ ମଧୁସୂଦନ ଦାସ ଦେଶୀୟ ପରିଚ୍ଛଦରେ ଉପସ୍ଥିତ ହୁଅନ୍ତେ ଶ୍ୟାମସୁନ୍ଦର ବାବୁଙ୍କର ଇଂରାଜୀ ବାଜା ବାଜଇଦେଲା, କାର୍ଯ୍ୟ ନିର୍ବାହକ କମିଟିର ସଭ୍ୟମାନେ ତାହାଙ୍କୁ ସମାଦର ପୂର୍ବକ ସଭା ମଧ୍ୟରେ ନିର୍ଦ୍ଦିଷ୍ଟ ଆସନକୁ ଘେନିଆସି ବସାଇ ତାହାଙ୍କ ଗଳାରେ ପୁଷ୍ପ ହାର ଲମ୍ବାଇଦେଲେ । ପୁଣି ପଣ୍ଡିତ ହରିହର ଶର୍ମା ଗୋଟିଏ ଆଶୀର୍ବାଦ ଶ୍ଳୋକ ପାଠ କରିଶାରନ୍ତେ ହାରମୋନିୟା ଯନ୍ତ୍ର ଯୋଗରେ କେତେଜଣ ମିଶି ଗୋଟିଏ ଓଡ଼ିଆ ସଙ୍ଗୀତ ଗାନ କଲେ । ଗୀତ ଶେଷରେ ଯେ ସମସ୍ତ ବକ୍ତୃତା ହେଲା ତହିଁର ସାରାଂଶ ନିମ୍ନେ ପ୍ରକାଶିତ ହେଲା ଯଥା—

୧ମ ବକ୍ତା—ବାବୁ ରାମଶଙ୍କର ରାୟ କହିଲେ ଯେ ଅମ୍ଭମାନଙ୍କର ପ୍ରବଳ ପ୍ରତାପ ସମ୍ରାଟ ବାବୁ ମଧୁସୂଦନ ଦାସଙ୍କୁ ଯେ ଉପାଧି ପ୍ରଦାନ କରିଅଛନ୍ତି ତାହା [illegible] ଯ୍ୟର ସଭା । ମଧୁବାବୁ [illegible] ଉପଯୁକ୍ତ ପାତ୍ର । ସେ ପି[illegible] ଅପେକ୍ଷା କରନ୍ତି ନାହିଁ । ବାଟରେ ଥିଲେ ବାଳ୍ୟସଙ୍ଗରେ ପୁତ୍ରା ନଥାବାର୍ତ୍ତା କର[illegible] ରାମସ୍ୱାମୀ ବା ଶ୍ୟାମଭୈରବ କଥା କହିଲେ ଅଳି-ହେଲା ନ ନକ ଶୁଣନ୍ତି । କଟକର ଅମଲା ପ୍ରଭୃତିଙ୍କ ସଙ୍ଗରେ ମିଶି ସର୍ବଦା ସତ୍ପରାମର୍ଶ ଦିଅନ୍ତି ଛୋଟ ହାକିମଠାରୁ ବଡ଼ ହାକିମ ତଥା ଛୋଟ ଓ ବଡ଼ଲାଟ ସାହେବ ପର୍ଯ୍ୟନ୍ତ ସମସ୍ତଙ୍କ ସଙ୍ଗେ ମେଳ ଅଛନ୍ତି । ଅବଶିଷ୍ଟ ଯାହା ଥିଲା ତାହା ସମ୍ରାଟ ସ୍ୱୟଂ ତାଙ୍କୁ ବନ୍ଧୁପଣରେ ବରଣ କରିବାରୁ ପୂର୍ଣ୍ଣ ହୋଇଗଲା । ସେ ଖ୍ରୀଷ୍ଟୀୟଧର୍ମ ଅବଲମ୍ବ କରିଅଛନ୍ତି ବୋଲି ତାଙ୍କଠାରେ ସାମ୍ପ୍ରଦାୟିକ ଭାବ ନାହିଁ ଏବଂ ଆପଣାର ପିତାମାତା, ବନ୍ଧୁବାନ୍ଧବ ହିନ୍ଦୁ ତଥା ମୁସଲମାନ ସମସ୍ତଙ୍କ ସଙ୍ଗରେ ସମାନ ଭାବରେ ମିଶନ୍ତି ଏବଂ ସମସ୍ତେ ଅମୂଲ ଭାଇ ମଧୁବାବୁ ବୋଲି ତାଙ୍କୁ କହନ୍ତି । ହିନ୍ଦୁମାନଙ୍କର ପ୍ରଧାନ ଆରାଧ୍ୟ ଦେବତା ଜଗନ୍ନାଥ ଦେବଙ୍କ ମନ୍ଦିର ଘେନି ଯେତେବେଳେ ଗବର୍ଣ୍ଣମେଣ୍ଟ ମୋକଦ୍ଦମା କରିଥିଲେ ସେତେବେଳେ ସେ ପୁରୀଠାରୁ କଲିକତା ପର୍ଯ୍ୟନ୍ତ ପ୍ରଭୂତ ଶ୍ରମ କରି ଲଢ଼ିଥିଲେ । ତାଙ୍କର ଯୋଗ୍ୟତାର କଥା ଅମ୍ଭମାନଙ୍କୁ ଜଣାଅଛି କାରଣ ଅମ୍ଭେମାନେ ତାଙ୍କୁ ବଙ୍ଗଳାର ବ୍ୟବସ୍ଥାପକ ସଭାର ସଭ୍ୟ ସ୍ୱରୂପ ନିର୍ବାଚନ କରିଥିଲୁଁ ଏବଂ ସେ ତାହା ଯୋଗ୍ୟତା ସହିତରେ ଚଳାଇଅଛନ୍ତି । ପରେ ବିଚ୍ଛିନ୍ନ ଓଡ଼ିଶାକୁ ଏକତ୍ର କରିବାରେ ତାଙ୍କର ଶ୍ରମ ଅତୁଳନୀୟ । ତାଙ୍କର ପୁଅ ନାତି ନାହିଁ ଯେ ସେଥିର ଫଳ ଭୋଗକରିବା କାରଣ ସେ ଆଶା କରିବେ । ଯାହା କରୁଅଛନ୍ତି ତାହା ଭଗବଦ୍ଗୀତାରେ କଥିତ ପୂର୍ଣ୍ଣ ନିଷ୍କାମଧର୍ମ । ନିଃସ୍ୱାର୍ଥଭାବରେ ପରିଶ୍ରମ କରି ଉତ୍କଳସମ୍ମିଳନୀର ସୂତ୍ରପାତ କରିଥିଲେ ଏବଂ ବଙ୍ଗଳା ସଙ୍ଗେ ବିଚ୍ଛିନ୍ନ ଓଡ଼ିଶା ଏକତ୍ର ହୋଇ ମିଳିଲେ ଯେ ଭଲ ଫଳ ହେବ ତାହା ଦେଖାଇ ଦେଇଅଛନ୍ତି । ବର୍ତ୍ତମାନ କେହି କେହି କହୁଅଛନ୍ତି ମଧ୍ୟପ୍ରଦେଶ ସଙ୍ଗେ ଓଡ଼ିଶାକୁ ମିଶାଇ ଦେଲେ ଭଲ ହେବ । ବଙ୍ଗଳା ଅମ୍ଭମାନଙ୍କଠାରୁ ଉନ୍ନତ ଜାତି । ଉନ୍ନତ ଇଂରାଜ ଜାତିଙ୍କ ସଙ୍ଗେ ପ୍ରତିଯୋଗିତା କରି ବଙ୍ଗଳା କେତେ ଦୂର କୃତକାର୍ଯ୍ୟ ହୋଇଅଛି ତହିଁର ଉଦାହରଣ ଅମ୍ଭମାନଙ୍କର ହଲ୍ଡିଗର୍ଭନ କମିଶନର ଶ୍ରୀଯୁକ୍ତ କେ,ଜି ଗୁପ୍ତ ସାହେବ ଅଟନ୍ତି । ଜଙ୍ଗଲମୟ ମଧ୍ୟପ୍ରଦେଶ ସଙ୍ଗେ ମିଶି କେତେବେଗଡ଼ଏ ଦୁର୍ଦ୍ଦାନ୍ତ ଭଞ୍ଜ ବାଘ, ପ୍ରକାଣ୍ଡ ବଣଅରିସିଂହ ଅଥବା ପ୍ରଶସ୍ତ ଉଦ୍ଭିଦ ହବାଟ ହେବାଠାରୁ ବଙ୍ଗଳା ସଙ୍ଗେ ପ୍ରତିଯୋଗିତା କରି ଜଣେ ସୁଦ୍ଧା ସି,ଆଇ, ଇ, ହୋଇ ପାରିଲେ ବିସ୍ତର ଲାଭ ଅଛି । ମଧୁବାବୁ ଓଡ଼ିଶାରେ [illegible] ହୋଇଥିଲେହେଁ [illegible]ଙ୍ଗଳା ତାଙ୍କର ପ୍ରକୃତ ଶିକ୍ଷାର ସ୍ଥାନ ଏବଂ ପ୍ରତିଯୋଗିତାରେ ସେ ଏମ୍, ଏ ଉପାଧି ଲାଭ କଲେ । ଦୁଃଖିନୀ ଓଡ଼ିଶାର ଆଜ ନ ଅନନ୍ଦର ଦିନ । ତାହାର ସନ୍ତାନ ଜଣେ ଦେଶର ମୁଖୋଜ୍ଜ୍ୱଳ କରି ତାକୁ ଧନ୍ୟ କରିଅଛନ୍ତି । ଅମ୍ଭେମାନେ ଦରିଦ୍ର । ଧନ ଦେଇ ପୂଜା କରିବାର ସାମର୍ଥ୍ୟ ନାହିଁ । ଅତଏବ ଆସ ସମସ୍ତେ ପ୍ରୀତି ଉପହାର ଦେଇ ଏବଂ ହୃଦୟ ଭକ୍ତି ଦେଖାଇ ତାଙ୍କର ଅର୍ଚ୍ଚନା କରିବା । କଲ୍ୟ ଏହା ହିଁ ସମସ୍ତଙ୍କର ଆନନ୍ଦ ବର୍ଦ୍ଧନାର୍ଥ ଆହ୍ୱାନ କରିବାରେ ସମସ୍ତେ ଆନନ୍ଦମଗ୍ନ ହରିବୋଲ ଧ୍ୱନିରେ ପ୍ରତିଧ୍ୱନିତ ହେଲା ।

୨ୟ ରାୟ ହରିବଲ୍ଲଭ ବସୁ ବାହାଦୁର କହିଲେ ଯେ ମଧୁବାବୁଙ୍କ ସଙ୍ଗେ ସେ ଏକତ୍ର ଓକାଲତି କରୁଅଛନ୍ତି ଏବଂ ତାଙ୍କୁ ସେ ଭଲ ରୂପରେ ଜାଣନ୍ତି । ଗବର୍ଣ୍ଣମେଣ୍ଟ ଯେ ଯୋଗ୍ୟପାତ୍ରରେ ସି,ଆଇ,ଇ ଉପାଧି ପ୍ରଦାନ କରିଅଛନ୍ତି ଏଥିରେ ସନ୍ଦେହ ନାହିଁ । ଦେଶର ହିତ ସକାଶେ ମଧୁବାବୁଙ୍କ ଶ୍ରମରେ ଭଲ ମାତ୍ର ତ୍ରୁଟି ନାହିଁ । ବଙ୍ଗଳା ସଙ୍ଗେ ସମସ୍ତ ଓଡ଼ିଶାକୁ ଏକତ୍ର କରି ରଖିବାରେ ତାଙ୍କର ସାଧୁଚେଷ୍ଟା ଏ ପର୍ଯ୍ୟନ୍ତ ଫଳବତୀ ହୋଇ ଆସିଅଛି । ଗବର୍ଣ୍ଣମେଣ୍ଟ ବିଚ୍ଛିନ୍ନ ଓଡ଼ିଶାକୁ ଏକତ୍ର କରି ବଙ୍ଗଳା ସଙ୍ଗେ ମିଳାଇବା କାରଣ ପ୍ରସ୍ତାବ କରିଅଛନ୍ତି ଏବଂ ଉତ୍କଳସମ୍ମିଳନୀର ବିଗତ ଅଧିବେଶନରେ ଗବର୍ଣ୍ଣମେଣ୍ଟଙ୍କୁ ସେଥି ସକାଶେ ଧନ୍ୟବାଦ ଦିଆଗଲା । ମାତ୍ର ଦୁଃଖର ବିଷୟ ଯେ ତହିଁର ଅଳ୍ପ ଦିନ ପରେ କେତେକ ସ୍ଥାନରୁ ତହିଁ ବିରୁଦ୍ଧରେ ଗୋଟିଏ ସୁର ବାହାରିଅଛି ଏବଂ ଏକତ୍ରୀଭୂତ ଓଡ଼ିଶାକୁ ମଧ୍ୟପ୍ରଦେଶରେ ମିଶାଇବାକୁ କେତେକ ମତ ଦେଉଅଛନ୍ତି । ଏପରି ମତ ଯେଉଁମାନେ ଉଠାଇଅଛନ୍ତି ସେମାନେ ନିତାନ୍ତ ଭ୍ରାନ୍ତ । ବଙ୍ଗଳା ସଙ୍ଗେ ଓଡ଼ିଶାର ଚିରକାଳ ସମ୍ବନ୍ଧ ଚଳି ଆସିଅଛି ଏବଂ ତାହାର ସଙ୍ଗରେ ରହି ଓଡ଼ିଶା କ୍ରମଶଃ ଉନ୍ନତି ପ୍ରାପ୍ତ ହେଉଅଛି । ବଙ୍ଗଳା ଉନ୍ନତ ପ୍ରଦେଶ ହେବାରୁ ଓଡ଼ିଶା ପ୍ରତିଯୋଗିତାରେ କ୍ରମଶଃ ଅଗ୍ରସର ହେଉଅଛି ଏବଂ ବଙ୍ଗଳାରେ ଉତ୍କଳସନ୍ତାନ ବର୍ତ୍ତମାନ ସେ ଯୋଗୁଁ ହାକିମୀ କାର୍ଯ୍ୟ କରୁଅଛନ୍ତି । ମଧ୍ୟପ୍ରଦେଶକୁ ଗଲେ କିଛି ଲାଭ ନାହିଁ ବରଂ ତାହା କଥାରେ ଓଡ଼ିଶାର ଦୁର୍ଦ୍ଦଶା ଘଟିବ ଏବଂ କ୍ରମଶଃ ପଶ୍ଚାତ୍ପଦ ହେଉଥିବ । ସୁତରାଂ ଗବର୍ଣ୍ଣମେଣ୍ଟ ଯେ ପ୍ରସ୍ତାବ କରିଅଛନ୍ତି ତାହା ମଙ୍ଗଳଜନକ ସେଥିରେ କ[illegible]ସନ୍ଦେହ ହେବା ନିତାନ୍ତ ଅନୁଚିତ । ମଧୁବାବୁ ବର୍ତ୍ତମାନ ଯେଉଁ ଉପାଧି ପାଇ[illegible]ଲେ ତାହା ତାଙ୍କର ଉପଯୁକ୍ତ ଯୋଗୀ ହୋଇଥିଲେହେଁ ସେ ତାହାଠାରୁ ବଡ଼ ଉପାଧିର ଯୋଗ୍ୟ ଏବଂ କାଳେ ତାହା ସେ ଲାଭ କରିପାରିବେ । ମାତ୍ର ସ୍ୱଦେଶବାସିଙ୍କ ତାଙ୍କର ପ୍ରାର୍ଥନା ଯେମନ୍ତ ସେମାନେ ତାଙ୍କର ଉପାଧି ପାଇବାରେ କେବଳ ଆନନ୍ଦିତ ନ ହୋଇ ତାଙ୍କୁ ସର୍ବଦା ଅନୁକରଣରେ ଲାଗି ସେହି ପରି ଉପାଧି ପାଇବା କାରଣ ସମର୍ଥନ ଯତ୍ନବାନ ଓ ଉଦ୍ୟୋଗୀ ହେବେ ।

୩ୟ ବାବୁ ସୁଦାମଚରଣ ନାୟକ ବ୍ୟକ୍ତ କଲେ ଯେ ଏ ଘଟଣା ଅମ୍ଭମାନଙ୍କର କେତେ ଆନନ୍ଦମୟ । ଘଟଣା ଘଟିବାର ହେବାର ଦୁଇ ଦିନ ପୂର୍ବରେ ଉତ୍କଳ ସମ୍ମିଳନୀର ମହାସଭା ହୋଇଥିଲା ଏବଂ ବର୍ଷ ଆରମ୍ଭ ହେବା ଦିନ ପ୍ରଦର୍ଶନୀ ହେବା ସଙ୍ଗେ ମଧୁବାବୁଙ୍କର ସି,ଆଇ,ଇ ଉପାଧିର ସମ୍ବାଦ ପ୍ରକାଶିଲା । ଦାଣ୍ଡିରୁ ଦେଶ ଯାକରୁ ଅନେକ ଦ୍ରବ୍ୟ ଆସିଥିଲା ଏବଂ ସବୁଠାରୁ ଆଦରର ଦ୍ରବ୍ୟ ମଧୁବାବୁଙ୍କ ସି, ଆଇ, ଇ ଉପାଧି କାରଣ ଯେଉଁ ପଶ୍ଚିମପ୍ରଦର ଜଳ୍ପନା ହୋଇଥିଲା ତହିଁରେ ମଧୁ ରୂପୀ ମଧୁବାବୁଙ୍କ ନାମ ଦିଶିଗଲା । ସେ ମଧ୍ୟ ବିଚ୍ଛିନ୍ନ ଉତ୍କଳ ବଙ୍ଗଳା ସଙ୍ଗେ ଏକତ୍ରିତ ହେଲେ ପ୍ରଭୂତ ଉପକାର ହେବାର ବ୍ୟକ୍ତ କରି ଲର୍ଡ଼ କର୍ଜନଙ୍କ ମତ ଭ୍ରାନ୍ତ ବୋଲି ପ୍ରକାଶ କରିଥିଲେ ।

Digitized by srujanika@gmail.com

୪ର୍ଥ ଶ୍ରୀଯୁକ୍ତ ପାଦ୍ରୀ ୟୁଙ୍ଗସାହେବ କହିଲେ ଯେ ବ ୬୦ ବର୍ଷ ତଳେ ଜଣେ ଓକାଲତି କରି ଧନ ଏବଂ ନାମ ଅର୍ଜିବା କାରଣ କର୍ମ କ୍ଷେତ୍ରରେ ଉପସ୍ଥିତ ହୋଇଥିଲେ । ସେ ଜଣେ ବିଚକ୍ଷଣ ଏବଂ ବଡ଼ ଲୋକ ହେବାର ଜଣା ଯାଇଥିଲା । ନିପୁଣତା ସହିତରେ ଓକାଲତି କରି ସେ ନାମ ଅର୍ଜିଅଛନ୍ତି ଏବଂ ଦୁଇଥର ଆମ୍ଭେମାନେ ତାଙ୍କୁ ବଙ୍ଗର ବ୍ୟବସ୍ଥାପକ ସଭାକୁ ପଠାଇଥିଲୁଁ ଏବଂ ସେଠାରେ ସେ ଦକ୍ଷତା ସହିତରେ କାର୍ଯ୍ୟ କରିଥିଲେ । ଆଜି ସେହି ମଧୁବାବୁ ସି,ଆଇ,ଇ ଉପାଧିରେ ଭୂଷିତ ହୋଇଅଛନ୍ତି । ଈଶ୍ବର ତାଙ୍କୁ ଦୀର୍ଘାୟୁ କରନ୍ତୁ ଏବଂ ସେ ଅଧିକକାଳ ଏହି ଉପାଧିରେ ସୁଖରେ କଟାଇ ଆପଣା ଜନ୍ମ ଭୂମିର ହିତସାଧନରେ ବ୍ରତୀ ଥାଇଁ ଦେଶର ମୁଖୋଜ୍ଜ୍ୱଳ କରନ୍ତୁ ।

୫ମ ମୁନ୍ସୀ ମହମ୍ମଦଅଲି କହିଲେ ଯେ ସେ ମଧୁବାବୁଙ୍କ ଉପାଧି ପ୍ରାପ୍ତିରେ ତାଙ୍କ ଜାତୀୟ ମୁସଲମାନ ସମ୍ପ୍ରଦାୟ ଆନନ୍ଦିତ ହୋଇଥିବା ବିଷୟ ଅତ୍ୟନ୍ତ ଆନନ୍ଦିତ ହୋଇ ପ୍ରକାଶ କରୁଅଛନ୍ତି । ମଧୁବାବୁ ତାଙ୍କ ଜାତୀୟ ନ ହୋଇ ଖ୍ରୀଷ୍ଟିୟାନ ହୋଇଥିଲେହେଁ ଯେତେବେଳେ ତାଙ୍କ ଜାତୀୟ କେତେକ ଲୋକ ଏକ ମୋକଦ୍ଦମାରେ ନିତାନ୍ତ ବିପଦଗ୍ରସ୍ତ ହୋଇଥିଲେ ସେତେବେଳେ ସେ ହାତରୁ ଅର୍ଥ ବ୍ୟୟ କରି ସେମାନଙ୍କ ନିମନ୍ତେ କଠିନ ପରିଶ୍ରମ କରି ତାଙ୍କୁ ବିପଦରୁ ମୁକ୍ତି ପ୍ରଦାନ କରିଥିଲେ ଏବଂ ସେ ହେତୁ ମୁସଲମାନମାନେ ମୁକ୍ତା ହିନ୍ଦୁଙ୍କପରି “ଶାହି ମଧୁସୂଦନ” ବୋଲି କହୁଥିଲେ । ଏପରି ଉଦାରଚରିତ ଲୋକ ଆଜି ଏ ଉପାଧି ପାଇଥିବାରୁ ମୁସଲମାନମାନେ ନିତାନ୍ତ ଆନନ୍ଦିତ ହୋଇଅଛନ୍ତି ଏବଂ ଉପଯୁକ୍ତ ପାତ୍ରରେ ଏ ଉପାଧି ପ୍ରଦତ୍ତ ହୋଇଥିବା ଅତୀବ ଆନନ୍ଦ ବିଷୟ ଅଟେ ।

୬ଷ୍ଠ ଫିରଙ୍ଗି ସମ୍ପ୍ରଦାୟରୁ ଶ୍ରୀଯୁକ୍ତ ଡୁଆଇଟ ସାହେବ ପ୍ରକାଶ କଲେ ଯେ ମଧୁବାବୁଙ୍କ ଉପାଧି ଲାଭରେ ସେ ଏବଂ ତାଙ୍କ ଜାତୀୟ ଲୋକେ ପ୍ରଭୂତ ଆନନ୍ଦ ଉପଭୋଗ କରୁଅଛନ୍ତି । ଗବର୍ଣ୍ଣମେଣ୍ଟ ଅନେକ ସମୟରେ ବଡ଼ ବଡ଼ ଇଂରାଜ କର୍ମଚାରୀ ପ୍ରଭୃତିଙ୍କି ଏହି ଉପାଧି ଦେଇଥାନ୍ତି ଏବଂ ଏହା ଅତି ଉଚ୍ଚ ମୂଲ୍ୟର ଉପାଧି ଥିବାରୁ କେବଳ ବଡ଼ ବଡ଼ ଲୋକେ ତାହା ପାଇଥାନ୍ତି । ବର୍ତ୍ତମାନ ମଧୁବାବୁ ବୃଦ୍ଧ ହୋଇ ଥିବାରୁ ତାଙ୍କର ଆନନ୍ଦର ସୀମା ନାହିଁ ଏବଂ ସେ କାମନା କରନ୍ତି ଯେ ସେ ଦୀର୍ଘଜୀବୀ ହୋଇ ତାହା ଭୋଗ କରନ୍ତୁ ।

୭ମ ବାବୁ ଜନ୍ ସାମସେନ ଗଉଡ କହିଲେ ଯେ ମଧୁବାବୁଙ୍କ ଉପାଧି ପ୍ରାପ୍ତିରେ ଆନନ୍ଦ ଲାଭର ବିଷୟ ସମସ୍ତେ କହିଯାଇଅଛନ୍ତି ମାତ୍ର ମଧୁବାବୁ ତାଙ୍କର ଜାତି ଧର୍ମାବଲମ୍ବୀ ଥିବାରୁ ସେ ଦେଶୀୟ ଖ୍ରୀଷ୍ଟିୟାନଙ୍କ ସକାଶେ ପଦେ ନ କହି ରହିପାରୁ ନାହାନ୍ତି ଏ ହେତୁ ସେ ସଭା ସ୍ଥଳରେ ଅତ୍ୟନ୍ତ ଆନନ୍ଦ ସହକାରେ ପ୍ରକାଶ କରୁଅଛନ୍ତି ଯେ ମଧୁବାବୁଙ୍କ ଉପାଧି ପ୍ରାପ୍ତିରେ ତାଙ୍କ ଜାତୀୟ ସମସ୍ତେ ଅପାର ଆନନ୍ଦ ଲାଭ କରୁଅଛନ୍ତି । ଦେଶୀୟ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ମଧୁବାବୁ ସର୍ବ ପ୍ରଥମ ଏହି ଉପାଧି ପାଇ ଅଛନ୍ତି ଏହା ବଡ଼ ଆନନ୍ଦର ବିଷୟ ଅଟଇ ଏବଂ ସେ ଆଶା କରନ୍ତି ମଧୁବାବୁ ଦୀର୍ଘକାଳ ଉପାଧି ଭୋଗ କରି ଦେଶର ମଙ୍ଗଳ ସାଧନ କରନ୍ତୁ ।

୮ମ ବାବୁ କୃଷ୍ଣଚନ୍ଦ୍ର ପାଲିତ କହିଲେ ଯେ ମଧୁବାବୁ ସି, ଆଇ, ଇରେ ଭୂଷିତ ହୋଇଥିବାରୁ ସେ ବଡ଼ ଆନନ୍ଦିତ ହୋଇଅଛନ୍ତି ମାତ୍ର ଏତେ ଗୁଡ଼ାଏ କଥା କହି ତାଙ୍କୁ ସଜାଇବା ଭଲ ଲାଗୁ ନାହିଁ । ଖାଲି ମଧୁସୂଦନ ତାଙ୍କୁ ବଡ଼ ମଧୁର ଲାଗିଅଛି ଏବଂ ସର୍ବଦା ତାଙ୍କୁ ଆମ୍ଭର ଖାଲି ମଧୁସୂଦନ ବୋଲି ଡାକିବାକୁ ତାଙ୍କର ଆଗ୍ରହ । ମଧୁବାବୁ ନାନା ପ୍ରକାରେ ସ୍ୱଦେଶର ହିତସାଧନ କରୁଅଛନ୍ତି ଏବଂ ଉତ୍ତରୋତ୍ତର ହିତସାଧନ କରି ଦେଶକୁ ଧନ୍ୟ କରନ୍ତୁ ।

ଅତଃପର ଆଉ ଗୋଟିଏ ସଙ୍ଗୀତ ହେଲାରୁ ମଧୁବାବୁ ଦଣ୍ଡାୟମାନ ହୋଇ ଉତ୍ତର ଦେଲେ ଯେ ଆପଣମାନଙ୍କର ଏତେ ସ୍ନେହ ଓ ପ୍ରେମ ସକାଶେ ମୁଁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛି । ପ୍ରୀତି ସୁନ୍ଦର ବୋଲି ମୁଁ ବୁଝିଥିଲି । ଆଜି ଅନୁଭବ କରୁଅଛି ତାହା ଅତି ସୁନ୍ଦର । ଏ ଖାଲି କହିବାକୁ ମୋହର ସାମର୍ଥ୍ୟ ନାହିଁ । ଚନ୍ଦ୍ରର ଲାବଣ୍ୟ ରୂପ ଦେଖି ସମୁଦ୍ରଜଳ ଗଗନରେ ଉପରକୁ ଉଠେ ଯହୁଁ ଦେଖେ ଯେ ଚନ୍ଦ୍ରରେ କଳଙ୍କ ରହିଅଛି ତହୁଁ ଫେରି ଆସି ମୁକ୍ତାପ୍ରବାଳାଦି କୂଳ ପାଖରେ ଥୋଇଦେଇ ଚାଲିଯାଏ । ମୋହର ଅନେକ ଦୋଷ ଅଛି । ମୁଁ ଏତେ ସ୍ନେହର ଯୋଗ୍ୟ ନୁହେ । ତାହା କେବଳ ଆପଣମାନଙ୍କର ଉଦାରତା । ଏହି ଯେ ଫୁଲମାଳ ମତେ ପିନ୍ଧାଇ ଦେଇ ଅଛ ଏଥିର ପ୍ରତ୍ୟେକ ଫୁଲ ବରଂ ପ୍ରତ୍ୟେକ ପାଖୁଡ଼ା ଆପଣମାନଙ୍କର ସ୍ନେହରେ ଗଠିତ ହୋଇଅଛି । ମୁଁ ଏହା ଉତ୍କଳ ଜନନୀଙ୍କୁ ଅର୍ପଣ କରୁଅଛି । ଏକ ସମୟରେ ଜନନୀଙ୍କର ଏକ ପଦ ଗଙ୍ଗା ଓ ଅନ୍ୟ ପଦ ଗୋଦାବରୀରେ ରହିଥିଲା ଏବଂ ତାହାଙ୍କର କୀର୍ତ୍ତି ପଥରରେ ଖୋଦିତ ହୋଇ ବିଶ୍ୱଲୋକଙ୍କର ଆଶ୍ଚର୍ଯ୍ୟ ବଢ଼ାଉଥିଲା । ବର୍ତ୍ତମାନ ତାହାଙ୍କର ଦୁର୍ଦ୍ଦଶା ଦେଖି ମୁଁ କେତେ କାନ୍ଦୁଛି ଓ କାନ୍ଦିବି । ଜନ୍ମ ବେଳେ କାନ୍ଦିଥିଲି ବୋଧ ହୁଏ ଶେଷ ପର୍ଯ୍ୟନ୍ତ କାନ୍ଦିବାକୁ ହେବ । ଆପଣମାନେ ସମସ୍ତେ ଏକମନରେ ଯତ୍ନ କଲେ ଉତ୍କଳ ଜ[illegible]ର ସୁଦିନ ଆସିପାରେ । ମୋହର ଏହି ପ୍ରାର୍ଥନା ।

ଏଥିଉତ୍ତାରୁ ଅତର ପାନ ବ[illegible] ଏବଂ ସଭା ଭଙ୍ଗ ସମସ୍ତେ ଆତସବାଜି ଦେଖି ଗଲେ । ଆତସବାଜି ପ୍ରଚୁର ହୋଇଥିଲା ଏବଂ ତହିଁ ମଧ୍ୟରେ ବକସିବଜାରର ହନୁବାବୁଙ୍କର ବିବିଧ ବର୍ଣ୍ଣର ବାଣମାନ ବିଶେଷ ପ୍ରଶଂସନୀୟ ହୋଇଥିଲା । ମିଶନ ସ୍କୁଲର ଇଂରାଜ ବାଜା ବାଜିଥିଲା ରାତ୍ର ଘ ୯ ଘ ଠାରେ କାର୍ଯ୍ୟ ଶେଷ କରି ଯେ ଯାହା ଘରକୁ ଚାଲିଗଲେ ।

# ସାପ୍ତାହିକ ସଂବାଦ ।

## କଲିକତା-ଗେଜେଟ ।

କଟକର ଲଷ୍ଟା ନମ୍ବର କଟେଗିର ଅନୁବାଦକ ମଜର ମହମ୍ମଦ ଅଛି ଓଡ଼ିଆ ଟେକ୍ସବୁକ କମିଟୀର ସଭ୍ୟ ପଦରେ ଇସ୍ତଫା ଦେଇ ବାବୁ ହରିଶ୍ଚନ୍ଦ୍ର ଚନ୍ଦ୍ରଙ୍କ ସ୍ଥାନରେ ନିଯୁକ୍ତ ହେଲେ ।

ସବ ଡେପୁଟୀ କଲେକ୍ଟର ବାବୁ ବ୍ରଜ ମିଶ୍ର, ମୌଲବୀ ସୟଦ ଦାଜୁମଲ ଅଛି ଓ ବାବୁ ଗୌରିଶଙ୍କର ମହାନ୍ତି ଅସ୍ଥାୟୀ ଶ୍ରେଣୀରେ ବାହାଲ ହେଲେ ।

ପୁରୀ ଜିଲ୍ଲା ଲର ହେଡ଼ମାଷ୍ଟର ଚୋଗୁଡା ଜିଲ୍ଲା ସ୍କୁଲର ଅଃ ହେଡ଼ମାଷ୍ଟର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ବର ସ୍କୁଲ ସମୂହର ଡେପୁଟୀ ଇନସ୍ପେକ୍ଟର ବାବୁ ଚନ୍ଦ୍ରମୋହନ ମହାରଣା ପୁରୀ ଜିଲ୍ଲା ସ୍କୁଲର ହେଡ଼ମାଷ୍ଟର ପଦରେ ନିଯୁକ୍ତ ହେଲେ ।

କଟକ ଟ୍ରେନିଂ ସ୍କୁଲର ହେଡ଼ମାଷ୍ଟର ବାବୁ ଉପେନ୍ଦ୍ର ନାରାୟଣ ଦାସ ଏ ବାଲେଶ୍ବର ସ୍କୁଲ ସମୂହର ଡେପୁଟୀ ଇନସ୍ପେକ୍ଟର ପଦରେ ନିଯୁକ୍ତ ହେଲେ ।

ରେଭେନସା କଲେଜିଏଟ ସ୍କୁଲର ଅଣିଷ୍ଟାଣ୍ଟ ମାଷ୍ଟର ବାବୁ ମଧୁସୂଦନ ଦାସ ବି ଏ କଟକ ଟ୍ରେନିଂ ସ୍କୁଲର ଅଃ ମାଷ୍ଟର ପଦରେ ନିଯୁକ୍ତ ହେଲେ ।

ବୋଗ୍ରା ଜିଲ୍ଲା ସ୍କୁଲର ଅଃ ହେଡ଼ମାଷ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ଗୁପ୍ତ ରେଭେନସା କଲେଜିଏଟ ସ୍କୁଲର ଅଃ ମାଷ୍ଟର ପଦରେ ନିଯୁକ୍ତ ହେଲେ ।

ହାଇକୋର୍ଟର ଦମ୍ବରପତି ମାଜଷ୍ଟ୍ରେଟ ମିଃ ଜକ୍ସନ ଗୁରୁବାର ଜାନୁଆରି ତାରିଖ ମାସ ତା ୧ ଦିନଠାରୁ ଅବସର ଗ୍ରହଣ କଲେ ଓ ମିଃ ଶାରଦାଚରଣ ମିତ୍ର ତାଙ୍କ ସ୍ଥାନରେ ନିଯୁକ୍ତ ହେଲେ ।

